ଟିପ୍ପଣୀ

# ଏକକ – ୯ ଅବହେଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କର ଶିକ୍ଷା

## ସଂରଚନା

୯.୦ ଉପକ୍ରମ

୯.୧ ଶିକ୍ଷଣ ଉଦ୍ଦେଶ୍ୟ

୯.୨ ବିଦ୍ୟାଳୟରେ ସୁବିଧା ପ୍ରବେଶ(Access) ଓ ଅବଧାରଣ (Retention) ।

୯.୨.୧ ଅନୁସୂଚିତ ଜାତି /ହରିଜନ ପିଲାମାନଙ୍କ ଶିକ୍ଷା

୯.୨.୨ ଅନୁସୂଚିତ ଉପଜାତି/ଆଦିବାସୀ ପିଲାମାନଙ୍କ ଶିକ୍ଷା

୯.୨.୩ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ଶିକ୍ଷା

୯.୨.୪ ଭୌଗୋଳିକ ଦୃଷ୍ଟିରୁ ଅପହଞ୍ଚ ଇଲାକାରେ ରହୁଥିବା ପିଲାମାନଙ୍କ ଶିକ୍ଷା

୯.୨.୫ ସହରୀ ସୁବିଧାରୁ ବଞ୍ଚିତ ପିଲାମାନଙ୍କ ଶିକ୍ଷା

୯.୨.୬ ଶ୍ରମଜୀବୀ ପିଲାମାନଙ୍କ ଶିକ୍ଷା

୯.୨.୭ ସଂଖ୍ୟା ଲଘୁ ଗୋଷ୍ଠିର ପିଲାମାନଙ୍କ ଶିକ୍ଷା

୯.୩ ଶୈକ୍ଷିକ ସହାୟତା ବ୍ୟବସ୍ଥା

୯.୪ ଅନ୍ତର୍ନିବେଶୀ ଶିକ୍ଷା (Inclusive Education)

୯.୪.୧ ଆନ୍ତର୍ଜାତିକ ଦୃଶ୍ୟପଟ

୯.୪.୨ ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷାର ସୁଫଳ

୯.୪.୩ ଅନ୍ତର୍ନିବେଶୀ ଶିକ୍ଷା ବିଦ୍ୟାଳୟ ଓ ଶ୍ରେଣୀର ସ୍ୱରୂପ

୯.୫ ବିଦ୍ୟାଳୟରେ ଶିଶୁ ଅଧିକାର ସୁରକ୍ଷା

୯.୬ ସାରାଂଶ

୯.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୯.୮ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୯.୦ ଉପକ୍ରମ

ସମାନୁଭାଗିତା(Equity) ବିଦ୍ୟାଳୟ ଶିକ୍ଷାରେ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ । ଭାରତକୁ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପିଲାମାନଙ୍କର ପାରିବାରିକ ପୃଷ୍ଠଭୂମିରେ ବହୁବିଧ ବିଭିନ୍ନତା ଥାଏ । କେଉଁଠି ଗୋଟିଏ ଶ୍ରେଣୀରେ ଏମିତି ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନଙ୍କର ଘରେ ଇଣ୍ଟରନେଟ୍ କନେକଶନ୍ ଅଛି, ଉପାନ୍ତ ଅଞ୍ଚଳ ଶ୍ରେଣୀରେ ଏମିତି ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନେ ପ୍ରତିଦିନ ପଢ଼ିବା ପାଇଁ ଖବର କାଗଜ ଖଣ୍ଡେ ପାଆନ୍ତି ନାହିଁ । କେଉଁଠି ଛାତ୍ରଛାତ୍ରୀଙ୍କ ପିତାମାତା ପ୍ରଶିକ୍ଷିତ ଏବଂ ନିଜ ପିଲାମାନଙ୍କୁ ପଢ଼ିବାରେ ସାହାଯ୍ୟ କରିପାରନ୍ତି ଏବଂ ଅନ୍ୟ ପକ୍ଷେ ସେହି ଶ୍ରେଣୀରେ ଏପରି ଛାତ୍ରଛାତ୍ରୀ ମଧ୍ୟ ଅଛନ୍ତି ଯେଉଁମାନଙ୍କର ମାତା-ପିତା ସମ୍ପୂର୍ଣ୍ଣ ନିରକ୍ଷର ଏବଂ ଶିକ୍ଷାଲାଭର ଉପକାର ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ପାରମ୍ପରିକ ଭାବେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଶିକ୍ଷା ବ୍ୟବସ୍ଥାର ଯଥେଷ୍ଟ ଲାଭ ଉଠାଉଥିବାବେଳେ ଆଉ କେତେକ ସମ୍ପ୍ରଦାୟ ଏହାଠାରୁ ବହୁଦୂରରେ । ଏହି ବ୍ୟବଧାନକୁ ଦୂର କରିବା ଆମ ପାଇଁ ଏକ ବିରାଟ ଆହ୍ୱାନ । ଏହି ବୈଷମ୍ୟର ସକାରାତ୍ମକ ପ୍ରୟୋଗ କିପରି ଆମ ପ୍ରଥମ ପିଢ଼ିର ଛାତ୍ର ମାନଙ୍କୁ ଶିକ୍ଷା ବ୍ୟବସ୍ଥାରୁ ଯଥେଷ୍ଟ ଲାଭ ଉଠାଇବାରେ ସହାୟକ ହେବ ଏହାହିଁ ହେଉଛି ଏହି ଅଧ୍ୟାୟର ଆଲୋଚ୍ୟ ବିଷୟ ।

## ୯.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ୟୁନିଟ୍ ପଢ଼ିସାରିବା ପରେ ଆପଣ :

* ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ବୈଷମ୍ୟକୁ ବୁଝିପାରିବେ ।
* ସାମାଜିକ ସୁବିଧା ସୁଯୋଗରୁ ବଞ୍ଚିତ ବର୍ଗର ଶିକ୍ଷା ସମସ୍ୟା ସମ୍ପର୍କରେ ଅବଗତ ହୋଇ ପାରିବେ ।
* ପ୍ରଥମ ପିଢ଼ିର ପିଲାମାନଙ୍କୁ ବିଭିନ୍ନ ବିଷୟ ପଢ଼ାଇବାର କୌଶଳ ଅର୍ଜନ କରିପାରିବେ ।
* ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ମାନଙ୍କ ସୁବିଧା ପ୍ରବେଶ ଓ ଅବଧାରଣକୁ ପ୍ରଖର କରିବା ଦିଗରେ ଉପଯୁକ୍ତ ପଦ୍ଧତିର ପ୍ରୟୋଗ କରିପାରିବେ ।

ଟିପ୍ପଣୀ

## ୯.୨ ବିଦ୍ୟାଳୟ ସୁବିଧା ପ୍ରବେଶ(Access) ଓ ଅବଧାରଣ (Retention)

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ସବୁ ପିଲାମାନଙ୍କ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ପ୍ରଦାନ ପାଇଁ ସରକାର ଅଙ୍ଗୀକାରବଦ୍ଧ । ଏହି ଲକ୍ଷ୍ୟ ହାସଲ ପାଇଁ ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ଅନେକ ଉଦ୍ୟମ କରାଯାଇଛି । ଏହାକୁ ଯଥାର୍ଥ କରିବା ପାଇଁ ପ୍ରତ୍ୟେକ ପିଲାର ଆଖପାଖରେ ଯେକୌଣସି ପ୍ରାଥମିକ ବିଦ୍ୟାଳୟ ରହିବା ଦରକାର । ତେଣୁ ଦେଶ ସାରା ବହୁତ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି । କେତେକ ଗାଁରେ ଗୋଟିଏ ଶିକ୍ଷକ ଥିବା ବିଦ୍ୟାଳୟ ଖୋଲାଯାଇଛି ଯାହାଦ୍ୱାରା ପିଲାମାନଙ୍କୁ ନିଜ ଗାଁରେ ବିଦ୍ୟାଳୟ ମିଳିପାରିବ ।

ବହୁତ ଗୁଡ଼ିଏ ଯୋଜନା ଯଥା - ମାଗଣା ଶିକ୍ଷା ସାମଗ୍ରୀ, ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟ ପୋଷାକ ବିତରଣ, ଆଦିବାସୀ ଝିଅମାନଙ୍କୁ ସହାୟତା – କାର୍ଯ୍ୟକାରୀ ହୋଇଛି । ବିଂଶ ଶତାବ୍ଦୀର ଶେଷ ଦଶକରୁ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (ଡ଼ି.ପି.ଇ.ପି) ଭାରତ ସରକାରଙ୍କ ମାନବ ସଂସାଧନ ବିକାଶ ମନ୍ତ୍ରାଳୟର ଏକ ବହୁ ପ୍ରତିକ୍ଷିତ ଯୋଜନା ଥିଲା । ଯେଉଁ ଜିଲ୍ଲାଗୁଡ଼ିକରେ ମହିଳାମାନଙ୍କର ସାକ୍ଷରତା ହାର ଜାତୀୟ ସାକ୍ଷରତା ହାରରୁ କମ୍ ସେହି ଜିଲ୍ଲାମାନଙ୍କରେ ଏହା କାମ କରୁଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପ୍ରବେଶ ସୁବିଧା ସୁନିଶ୍ଚିତ କରିବା ସହିତ ଅବଧାରଣକୁ ବଢ଼ାଇବାକୁ ପୂରା ପ୍ରୟାସ କରାଯାଏ । ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଏହି ପ୍ରୟାସ ଆହୁରି ଅଧିକ ବ୍ୟାପକ ହୋଇଛି । ଏହି ଦୁଇଟି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କର ପଞ୍ଜୀକରଣ ଓ ବିଦ୍ୟାଳୟରେ ସେମାନଙ୍କ ଶିକ୍ଷା ଜାରୀ ରଖିବା ଉଭୟ ଯୋଜନାର ନିର୍ଦ୍ଦିଷ୍ଟ ଭାଗଗିଦାରୀ ରହିଛି । ତଥାପି ୧୦୦ ପ୍ରତିଶତ ପଞ୍ଜୀକରଣ ଓ ଅବଧାରଣ ଏବେ ମଧ୍ୟ ଏକ ସ୍ୱପ୍ନ ମାତ୍ର ହୋଇ ରହିଛି । ଏହି ସ୍ୱପ୍ନକୁ ପୂରାକରିବା ଏକ ଆହ୍ୱାନ ଏବଂ ଏଥିରେ ଦେଶର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ।

### ୯.୨.୧ ଅନୁସୂଚିତ ଜାତି/ ହରିଜନ ପିଲାମାନଙ୍କ ଶିକ୍ଷା

ଭାରତରେ ବହୁ ପୂର୍ବରୁ ପ୍ରଚଳିତ ଜାତିପ୍ରଥା ଯୋଗୁଁ ସମାଜର କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଅଛୁଆଁ କୁହାଯାଇ ଥିଲା । ଏହି ଗୋଷ୍ଠୀ ଚାକର ବା ଦାସ କାର୍ଯ୍ୟ କରୁଥିଲେ । ସେମାନେ ଶିକ୍ଷାରୁ

ଟିପ୍ପଣୀ

ଦୂରରେ ରହୁଥିଲେ । ସ୍ୱାଧୀନତା ପ୍ରାପ୍ତିପରେ ଅସ୍ପୃଶ୍ୟତା ବା ଛୁଆଁଛୁତକୁ କାନୁନ ଦ୍ୱାରା ଉଠାଇ ଦିଆଯାଇଥିଲା । ତଥାପି ଦୀର୍ଘକାଳ ଧରି ଉପେକ୍ଷିତ ଏହି ଶ୍ରେଣୀକୁ ଅଧିକ ସୁବିଧା ସୁଯୋଗ ଦେବାପାଇଁ ଯୋଜନା ପ୍ରସ୍ତୁତ ହେଲା । ଫଳସ୍ୱରୂପ ଏହି ଜାତିମାନଙ୍କୁ ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଗଲା । ଅନୁସୂଚିତ ଜାତିର ବ୍ୟକ୍ତିମାନଙ୍କୁ କିଛି ସାଂବିଧାନିକ ଅଧିକାର ମଧ୍ୟ ଦିଆଗଲା । ସେମାନଙ୍କ ବିଦ୍ୟାଳୟ ଶିକ୍ଷାକୁ ନିଃଶୁଳ୍କ କରିବା ସଙ୍ଗେ ସଙ୍ଗେ ଉଚ୍ଚତର ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟୟନ ପାଇଁ କିଛି ସ୍ଥାନ ମଧ୍ୟ ସଂରକ୍ଷଣ କରାଗଲା । ଫଳରେ ସ୍କୁଲ କଲେଜରେ ଅନୁସୂଚିତ ଜାତିର ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟା ବୃଦ୍ଧି ହେଲା । ସେମାନଙ୍କ ମଧ୍ୟରୁ ଅନେକ ନିଜର ଉଚ୍ଚ ଶିକ୍ଷା ମଧ୍ୟ ସଫଳତା ପୂର୍ବକ ଶେଷ କରି ଥାଆନ୍ତି । ବିଗତ ୬୦ ବର୍ଷରେ ଏହି ଜନଜାତି ମାନଙ୍କ ସାକ୍ଷରତା ହାର ନିରନ୍ତର ବଢ଼ିଚାଲିଛି । କିନ୍ତୁ ଏହି ସମସ୍ୟା ଉପରେ ଆଉ ଅଧିକ ଧ୍ୟାନଦେବାର ଆବଶ୍ୟକତା ଏବେ ମଧ୍ୟ ଅଛି ଏବଂ ଏହାକୁ ପୂର୍ଣ୍ଣରୂପରେ ସମାଧାନ କରିବା ପାଇଁ ଗବେଷଣା ଭିତ୍ତିକ ଯୋଜନା ତିଆରି କରାଯିବା ଦରକାର ।

କେତେକ କ୍ଷେତ୍ରରେ ଦେଖାଯାଇଛି ଯେ ବିଦ୍ୟାଳୟରେ ଅନୁସୂଚିତ ଜାତିର ଛାତ୍ରଛତ୍ରୀମାନଙ୍କ ପାଇଁ ବସିବା ପାଇଁ ଅଲଗା ସ୍ଥାନ ନିର୍ଦ୍ଧାରିତ କରାଯାଇଥାଏ । ଏହା ବ୍ୟତୀତ ଉଚ୍ଚଜାତିର ଛାତ୍ରଛାତ୍ରୀ ମାନଙ୍କ ତୁଳନାରେ ଅନୁସୂଚିତ ଜାତିର ପିଲାମାନଙ୍କ ସହିତ ଅଧିକ କଠୋର ବ୍ୟବହାର କରାଯାଇଥାଏ । ଉଦାହରଣ ସ୍ୱରୂପ - ଯଦି ଅନୁସୂଚିତ ଜାତିର ପିଲାମାନେ ବିଦ୍ୟାଳୟକୁ ଡ଼େରିରେ ଆସନ୍ତି ସେମାନଙ୍କୁ ସମୟ ଓ ଧ୍ୟାନ ନ ଦେବା, ସେମାନଙ୍କ ପ୍ରଶ୍ନର ଉତ୍ତର ନ ଦେବା, ଏପରିକି ଯଦି ପ୍ରଶ୍ନ ପଚାରନ୍ତି ତାହାଲେ ସେମାନଙ୍କୁ ଗାଳିଦେବା ଇତ୍ୟାଦି କାର୍ଯ୍ୟକଳାପ ସମୟ ସମୟେ ସାମନାକୁ ଆସିଥାଏ । ଏହି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଅନୁଷ୍ଠିତ ଅନେକ ଉତ୍ସବ ଓ ସାମାଜିକ କାର୍ଯ୍ୟକ୍ରମ ଯଥା ପ୍ରାର୍ଥନା ସଭା, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଇତ୍ୟାଦି ଅନୁଷ୍ଠାନରୁ ଏହି ପିଲାମାନଙ୍କୁ ବାସନ୍ଦ କରାଯାଇଥାଏ । ବିଦ୍ୟାଳୟରେ ଝାଡୁ ଦେବା, ଶୌଚାଳୟ ସଫାକରିବା ପରି ନିମ୍ନ ସ୍ତର କାମରେ ସେମାନଙ୍କୁ ନିୟୋଜିତ କରାଯାଏ । ସହପାଠୀମାନେବି ଏମାନଙ୍କୁ ସାଙ୍ଗରେ ଖେଳାନ୍ତି ନାହିଁ । ଫଳରେ ସେମାନେ ସ୍କୁଲ ଛାଡ଼ି ଫେରି ଆସନ୍ତି ଏବଂ ସ୍କୁଲ ଯାଉନଥିବା ପାଖ ପଡ଼ୋଶୀ ପିଲାଙ୍କ ସହିତ ମିଶି ଖେଳନ୍ତି ।



ଟିପ୍ପଣୀ

ଅନୁସୁଚିତ ଜାତି ପିଲାମାନଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ସୂକ୍ଷ୍ମସ୍ତରୀୟ ଯୋଜନା ଉପରେ ଆଧାରିତ ଯାହା ପ୍ରତ୍ୟେକ ପିଲାର ବିଶେଷ ଚାହିଦା ପୂରଣ କରିବ । ବିଦ୍ୟାଳୟ ମାନଙ୍କରେ ଅଧ୍ୟୟନରତ ଏହି ପିଲାମାନଙ୍କୁ ସହାୟତା ପାଇଁ କିଛି ପରାମର୍ଶ ନିମ୍ନରେ ପ୍ରଦତ୍ତ ହେଲା ।

୧. ଶିକ୍ଷକ, ଶିକ୍ଷାକର୍ମୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଚରଣ ସଂହିତା ପ୍ରଣୟନ ଓ ପ୍ରଚଳନ କରିବା ।

୨. କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଶିକ୍ଷକ ଓ ଶିକ୍ଷାକର୍ମୀଙ୍କର ଛାତ୍ରଛାତ୍ରୀଙ୍କ ପ୍ରତି ପକ୍ଷପାତୀତା ବା ପାତର ଅନ୍ତରମୂଳକ ଆଚରଣକୁ ଠିକ୍ ସମୟରେ ଧରିବା । ଏହା ଏତେଟା ସହଜ କାମ ନୁହେଁ । କାରଣ ଅନେକ ପାତରଅନ୍ତରମୂଳକ ଆଚରଣ ଆମ ଚଳଣିରେ ମିଶି ଗଲାଣି । ଅନେକ ଏହା ଉପରେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ କିମ୍ବା ଆପତ୍ତି ଉଠାନ୍ତି ନାହିଁ ।

୩. ପିଲାମାନଙ୍କ ସ୍ୱରଭଙ୍ଗୀକୁ ଠଉରେଇ ପାରିବା ଏହି କାର୍ଯ୍ୟର ଅଂଶ ବିଶେଷ ।

୪. ବିଦ୍ୟାଳୟରେ ହେଉଥିବା ଏପରି ପକ୍ଷପାତପୂର୍ଣ୍ଣ ଆଚରଣର ଲିଖିତ ବିବରଣୀ କରିବା । ବିଦ୍ୟାଳୟରେ ଲଗା ଯାଇଥିବା ଅଭିଯୋଗ ବାକ୍ସକୁ ପ୍ରତିଦିନ ଯାଞ୍ଚ କରି ପ୍ରତିନିଧାନ କରିବା, ଫଳରେ ପିଲାମାନେ ନିଜକୁ ନିରାପଦ ମଣିବେ । ବିଦ୍ୟାଳୟ ଓ ବ୍ଲକ ସ୍ତରରେ ଉପସ୍ଥାନ ବୃଦ୍ଧିପାଇବ ।

୫. ଶ୍ରେଣୀରେ ହେଉଥିବା ପାରସ୍ପରିକ କ୍ରିୟା ସମ୍ପର୍କିତ ଉଚିତ ମାନଦଣ୍ଡ ନିର୍ଦ୍ଧାରଣ କରାଯାଉ । ଜାତି, ସମ୍ପ୍ରଦାୟ କିମ୍ବା ଲିଙ୍ଗ ଭିତ୍ତିରେ ପିଲାମାନଙ୍କୁ ଶ୍ରେଣୀରେ ଅନ୍ୟ ପିଲାମାନଙ୍କ ଠାରୁ ଅଲଗା ବସା ନ ଯାଉ । ନବେଦଶକର ମଧ୍ୟଭାଗରେ ବହୁସ୍ତରୀୟ ଶିକ୍ଷା ପାଇଁ ପ୍ରବର୍ତ୍ତିତ 'ନାଲି କାଳି' ପଦ୍ଧତିକୁ ଏହି ବ୍ୟବସ୍ଥା ଅନୁସାରେ ପିଲାମାନେ ଜାତି, ଲିଙ୍ଗ ଇତ୍ୟାଦି ଅନୁସାରେ ପର୍ଯ୍ୟାୟଭୁକ୍ତ ନ ହୋଇ ଶିକ୍ଷଣ ଦକ୍ଷତା ଅନୁସାରେ ଦଳହୋଇ ଶ୍ରେଣୀରେ ବସିବେ । ଏହି ବସିବା ପ୍ରଣାଳୀ ସାମାଜିକ ବିଭେଦ ବା ବୈଷମ୍ୟକୁ ଦୂର କରିବ । ପିଲାମାନେ ବି ଶିକ୍ଷଣ ସାମର୍ଥ୍ୟ ଅନୁଯାୟୀ ଗୋଟିଏ ଦଳରୁ



ଟିପ୍ପଣୀ

ଯାଇ ଆଉ ଗୋଟିଏ ଦଳରେ ବସି ପାରିବେ । ଫଳରେ ସେମାନଙ୍କ ଭିତରେ ଖୁବ୍ ମିଳାମିଶା ହେବ ।

୬. ପାଠ୍ୟକ୍ରମ ଅନୁଗାମୀ କ୍ରିୟାକଳାପ ଯଥା କ୍ରୀଡା, ସଂଗୀତ, ନାଟକ ଇତ୍ୟାଦିରେ ଅଂଶଗ୍ରହଣ ପାଇଁ ପିଲାଙ୍କୁ ପ୍ରେତ୍ସାହନ ଦେବା ଆବଶ୍ୟକ । ଏହା ସେମାନଙ୍କ ଭିତରେ ଥିବା ସାମାଜିକ ବୈଷମ୍ୟକୁ ଦୂର କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ଏହି ସବୁ କ୍ରିୟାକଳାପ ଦୀର୍ଘ ଦିନ ଧରି ଉପେକ୍ଷିତ । ଏଗୁଡ଼ିକର ବହୁଳ ଉପଯୋଗ ପିଲାମାନଙ୍କ ମିଳାମିଶା ଓ ସହଭାଗିତା ବୃଦ୍ଧିରେ ଅମୋଘ ଅସ୍ତ୍ର ଭଳି କାମ କରିବ । ଏହା ବ୍ୟତୀତ ସମାଜର ବିଭିନ୍ନ ସ୍ତରରୁ ଆସୁଥିବା ପିଲାମାନେ ନିଜ ପ୍ରତିଭା ପ୍ରଦର୍ଶନ ପୂର୍ବକ ସାମାଜିକ ସ୍ୱୀକୃତି ହାସଲ କରିପାରିବେ ।

୭. ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷକ ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତି ଅଟେ । କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପ୍ରକ୍ରିୟାରେ ଶିକ୍ଷକର ଭୂମିକା ଅବହେଳିତ ହୋଇ ରହିଅଛି । ସୁତରାଂ ପ୍ରାକ୍-ପ୍ରଶିକ୍ଷଣ ତଥା ପରବର୍ତ୍ତୀ ଶିକ୍ଷକ ତାଲିମ ଯୋଜନାରେ ଶିକ୍ଷକ ସଚେତନ କାର୍ଯ୍ୟକ୍ରମର ବ୍ୟବସ୍ଥା କରିବା, ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରିବ । ଏଥିପାଇଁ ବିଶେଷ ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ଆବଶ୍ୟକ । ବ୍ଲକ୍‌ସ୍ତରରେ ଅନୁସୂଚିତ ଜାତିର ପିଲାମାନଙ୍କୁ ପଢ଼ାଇବା ସମୟରେ ଉପୁଜୁଥିବା ବିଶେଷ ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରିବ ।

୮. ଶିକ୍ଷା ଅଧିକାର ନିୟମ, ୨୦୦୯ (ଆର.ଟି.ଇ. ଆକ୍ଟ, ୨୦୦୯) ରେ ଶାରୀରିକ ଦଣ୍ଡ ତଥା ଦୁର୍ବ୍ୟବହାରକୁ ନିଷେଧ କରିବା ସମ୍ବନ୍ଧିତ ସୁପାରିଶକୁ କଡ଼ା କଡ଼ି ଭାବେ ପାଳନ କରାଯିବା ଦରକାର । ଶିକ୍ଷକ ତଥା ଅନ୍ୟ ଶିକ୍ଷାକର୍ମଚାରୀମାନଙ୍କ ଆଚରଣ ଯାଞ୍ଚ କରି ସାବଧାନ କରିଦେବା ବିଦ୍ୟାଳୟ ପରିଚାଳନା ସମିତିର ଆଇନ ସମ୍ମତ କର୍ତ୍ତବ୍ୟ । ସାମାଜିକ ବୈଷମ୍ୟ ଦୂରୀକରଣ ପାଇଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଶିକ୍ଷକ ମାନଙ୍କୁ ଆବଶ୍ୟକୀୟ ଶିକ୍ଷା ଉପକରଣ ପ୍ରସ୍ତୁତ ଓ ପ୍ରୟୋଗରେ ସାହାଯ୍ୟ କରିପାରିବେ ।



ଟିପ୍ପଣୀ

୯. ଅନୁସୂଚିତ ଜାତି ବହୁଳ ପିଲାମାନଙ୍କରେ ପ୍ରାଥମିକ ଶିକ୍ଷା ଆନୁସଂଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଆବଶ୍ୟକ । ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଦିଗରେ ଏହା ବିଶେଷ ସହାୟକ ହେବ ।

୧୦. ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ବାଧାବିଘ୍ନ ଉପରେ ବିଧିବଦ୍ଧ ଗବେଷଣା ଆବଶ୍ୟକ । ଗବେଷଣାରୁ ଜଣାପଡ଼ିଛି ଯେ ଶିକ୍ଷଣ-ପ୍ରତିବନ୍ଧକ ସମ୍ପର୍କିତ ଅନୁସନ୍ଧାନ ଓ ସେ ଗୁଡ଼ିକୁ ଦୂରୀକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଏଇ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପ୍ରକ୍ରୟାକୁ ସୁଗମ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମେଧାଗତ ସଫଳତାର ବିକାଶଘଟାଇଥାଏ (କୁଲକର୍ଣ୍ଣୀ ଏବଂ ଅଗରକର, ୧୯୮୫) ।

ଏହା ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଗୋଷ୍ଠୀଭିତ୍ତିକ ପୃଥକୀକରଣ ବହୁଳଭାବେ ଆଞ୍ଚଳିକ ବା ପରିବେଶଭିତ୍ତିକ । ଉପରେ ପ୍ରସ୍ତାବିତ ପଦକ୍ଷେପ ଗୁଡ଼ିକ ସର୍ବସାଧାରଣ ପାଇଁ ପ୍ରଯୁଜ୍ୟ । ଅଧିକନ୍ତୁ ଅନୁସୂଚିତ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ କାମ କରିବାକୁ ହେଲେ ଆଞ୍ଚଳିକ ତଥା ସାମ୍ପ୍ରଦାୟିକ ସମସ୍ୟାଗୁଡ଼ିକ ଚିହ୍ନଟ କରି ସଙ୍ଗେ ସଙ୍ଗେ ସେଗୁଡ଼ିକର ସମାଧାନ କରିବାକୁ ହେବ ।

**କ୍ରିୟାକଳାପ – ୧**

ଭାରତରେ ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କ ବିକାଶ ଉପରେ ସମ୍ବଳିତ ତଥ୍ୟମାନ ଏବେ ଏବେ ପଢ଼ିଥିବା ପାଠରୁ ଖୋଜି ବାହାର କର ଏବଂ ସେହି ତଥ୍ୟ ଭିତ୍ତିରେ ନିମ୍ନ ପ୍ରଦତ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଆଯାଇଥିବା ଖାଲି ସ୍ଥାନରେ ଲେଖ ।

୧. ୧୯୫୦ ମସିହାରେ ଏହି ସମ୍ପ୍ରଦାୟର ଲୋକଙ୍କ ସାକ୍ଷରତା କେଉଁ ସ୍ତରରେ ଥିଲା ?

ଉତ୍ତର .................................................................................................

.................................................................................................

୨. ବର୍ତ୍ତମାନ ସେମାନଙ୍କ ଶିକ୍ଷା ସ୍ତରରେ କ'ଣ ଅଗ୍ରଗତି ଘଟିଛି ?

ଉତ୍ତର .................................................................................................

.................................................................................................

ଟିପ୍ପଣୀ

୩. ସେମାନଙ୍କ ଶିକ୍ଷାର ବିକାଶ ସାଧାରଣବର୍ଗର ଶିକ୍ଷା ସହିତ ତାଳ ଦେଇ ଚାଲିଛି କି ?

ଉତ୍ତର ..........................................................................................

..........................................................................................

୪. ଅନୁସୂଚିତ ବର୍ଗର ସ୍ତ୍ରୀ ଓ ପୁରୁଷମାନଙ୍କ ସାକ୍ଷରତାସ୍ତରରେ କି କି ତାରତମ୍ୟ ପରିଲକ୍ଷିତ ହେଉଛି ବର୍ଣ୍ଣନା କର ।

ଉତ୍ତର ..........................................................................................

..........................................................................................

### ୯.୨.୨ ଅନୁସୂଚିତ ଉପଜାତି/ଆଦିବାସୀ ପିଲାମାନଙ୍କ ଶିକ୍ଷା

ଅନୁସୂଚିତ ଉପଜାତିର ଲୋକମାନଙ୍କ କଲ୍ୟାଣ ନିମିତ୍ତ ଭାରତସରକାରଙ୍କ ଉଦ୍‌ବେଗ ଆମ ସମ୍ବିଧାନର ଧାରା - ୪୬ ରେ ପ୍ରକଟିତ ହୋଇଛି ଯାହା ଅନୁସାରେ ଏହା ସ୍ପଷ୍ଟ ହୁଏକି ଏହି ଲୋକମାନଙ୍କ ଶୈକ୍ଷିକ ତଥା ଆର୍ଥିକ ବିକାଶର ଦାୟିତ୍ୱ ସରକାରଙ୍କର ବିଭିନ୍ନ ଜାତି ପାଇଁ ସୂଚୀ ପ୍ରସ୍ତୁତ କଲାବେଳେ ଉପଜାତି (ଆଦିବାସୀ) ମାନଙ୍କ ପାଇଁ ମଧ୍ୟ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଅନୁସୂଚିତ ଉପଜାତିର ଲୋକମାନଙ୍କୁ ମଧ୍ୟ ବିଦ୍ୟାଳୟ ତଥା ଉଚ୍ଚ ଶିକ୍ଷା ପ୍ରାପ୍ତିରେ ବିଶେଷ ପ୍ରୋତ୍ସାହନ ଦିଆ ଯାଇଅଛି । କିଛି ରାଜ୍ୟକୁ ଛାଡ଼ିଦେଲେ ଅନୁସୂଚିତ ଉପଜାତିର ଲୋକମାନେ ପ୍ରାୟ ସବୁ ରାଜ୍ୟରେ ବ୍ୟାପକ ଭାବରେ ବସବାସ କରନ୍ତି । ଏହି ଅନୁସୂଚିତ ଉପଜାତି ଗୁଡ଼ିକ ସମସ୍ତରୀୟ ନୁହଁନ୍ତି । ସେମାନଙ୍କ ସାମାଜିକ-ଆର୍ଥିକ ତଥା ଶୈକ୍ଷିକ ବିକାଶ ଭିନ୍ନ ଭିନ୍ନ ସ୍ତରର । ମୁଖ୍ୟତଃ ଅନୁସୂଚିତ ଉପଜାତିର ଅଧିକାଂଶ ଜନତା ଶିକ୍ଷା ଦୃଷ୍ଟିରୁ ବହୁତ ପଛରେ ଅଛନ୍ତି । ସ୍ୱାଧୀନତା ପ୍ରାପ୍ତି ପରଠାରୁ ଏମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରିବା ପ୍ରୟାସ ଜାରି ରହିଛି । ଅନୁସୂଚିତ ଉପଜାତିର ପିଲାମାନଙ୍କୁ ସେମାନଙ୍କ ନିକଟବର୍ତ୍ତୀ ବିଦ୍ୟାଳୟରେ ଭର୍ତ୍ତି କରିବା ଓ ସେଠାରେ ପାଠ ସରିବା ପର୍ଯ୍ୟନ୍ତ ସେମାନଙ୍କ ଉପସ୍ଥାନକୁ ଜାରି ରଖିବା ପାଇଁ ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହି ନୀତିକୁ ସର୍ବଶିକ୍ଷା ଅଭିଯାନର ଅନ୍ତର୍ଗତ କରାଗଲା । ଏହା ସତ୍ତ୍ୱେ ମିଳିଥିବା ସଫଳତା ସନ୍ତୋଷଜନକ ହୋଇପାରି ନାହିଁ । ଏଣୁ ଏହି ବିଷୟ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

ଟିପ୍ପଣୀ

ଦେଶର ବିଭିନ୍ନ ଭାଗରେ ରହୁଥିବା ଉପଜାତି ଲୋକମାନଙ୍କର ଜୀବନ ଶୈଳୀ ଓ ଜୀବନ ସମସ୍ୟା ପରସ୍ପରଠାରୁ ଭିନ୍ନ । ସମାଜର ମୁଖ୍ୟ ଜୀବନ ସ୍ରୋତରୁ ବିଚ୍ଛିନ୍ନ ହୋଇ ଜୀବନଯାପନ କରୁଥିବା ଆଦିବାସୀ ସମ୍ପ୍ରଦାୟର ସମସ୍ୟା ଆମ ଆଗରେ ଉଭା ହୋଇଛି । ସେମାନେ ଅଧିକାଂଶ ପାର୍ବତ୍ୟଭୂମିର ଅଧିବାସୀ । ତେଣୁ ଦୂରନ୍ତ ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ପରିବାରର ପ୍ରତିପୋଷଣ ପାଇଁ ପିଲାମାନେ କାମ କରିବାକୁ ବାଧ୍ୟ ହୋଇଥାନ୍ତି । ଦୈନନ୍ଦିନ କଥାବାର୍ତ୍ତା ପାଇଁ ସେମାନେ ନିଜ ମାତୃଭାଷାକୁ ବ୍ୟବହାର କରିଥାନ୍ତି । ଏଣୁ ଆଦିବାସୀ ଛାତ୍ରଛାତ୍ରୀଙ୍କର ଆଞ୍ଚଳିକ ଭାଷା ବ୍ୟବହାର ପାଇଁ ଆବଶ୍ୟକ ଦକ୍ଷତା ନଥାଏ । ସେମାନଙ୍କ ବାସଭୂମି ପାଠପଢ଼ା ପାଇଁ ଅନୁକୂଳ ନୁହେଁ । ଜୀବିକା ଅର୍ଜନ ପାଇଁ ସେମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଜ ରାଜ୍ୟର ପଡ଼ୋଶୀ ରାଜ୍ୟକୁ ଯାଯାବର ପରି ଘୁରି ବୁଲିବାକୁ ବାଧ୍ୟ ହୁଅନ୍ତି । ପିଲାମାନେ ବର୍ଷ ତମାମ କୌଣସି ଗୋଟିଏ ଏକ ବିଦ୍ୟାଳୟରେ ପଢ଼ି ପରାନ୍ତି ନାହିଁ । ସୁତରାଂ ସେମାନେ ଶିକ୍ଷାଲାଭ ପାଇଁ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ଆଦିବାସୀ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇ ଉପସ୍ଥାନ ଜାରି ରଖିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଏହିପରି କେତେକ ଯୋଜନା ହେଉଛି :

* ଯେଉଁଠି ସେମାନେ ଆଞ୍ଚଳିକ ଭାଷାକୁ ବୁଝିପାରନ୍ତି ନାହିଁ ସେଠାରେ ଏମାନଙ୍କର ପାଠ୍ୟପୁସ୍ତକ ଗୁଡ଼ିକ ପ୍ରାଥମିକଶିକ୍ଷାର ପ୍ରଥମ ବର୍ଷରେ ସେମାନଙ୍କର ମାତୃଭାଷାରେ ଲେଖା ହେବା ଦରକାର ।
* ଶିକ୍ଷକମାନେ ସଂଯୁକ୍ତ ଭାଷା ସୂଚୀ ବ୍ୟବହାର କରିବେ ।
* ଆଦିବାସୀ ଅଞ୍ଚଳର ପ୍ରତ୍ୟେକ ବିଦ୍ୟାଳୟରେ ଅଙ୍ଗନବାଡ଼ି, ବାଲ୍‌ବାଡ଼ି ବା କେଷ୍ ଇତ୍ୟାଦିର ସ୍ଥାପନା କରିବା ଯାହା ଦ୍ୱାରା ଝିଅମାନେ ଶିଶୁମାନଙ୍କ ଜଗାରଖା କରିବା ପାଇଁ ଘରେ ରହିବା ଆବଶ୍ୟକ ପଡ଼ିବ ନାହିଁ ।
* ଆଦିବାସୀ ଅଞ୍ଚଳରେ କାର୍ଯ୍ୟରତ ଅଣ-ଆଦିବାସୀ ଶିକ୍ଷକମାନଙ୍କୁ ସ୍ଥାନୀୟ ଭାଷା ସହିତ ସ୍ୱତନ୍ତ୍ର ତାଲିମ ଦିଆଯିବା ଆବଶ୍ୟକ ।

ଟିପ୍ପଣୀ

* ସବୁ ବାସସ୍ଥାନର ଏକ କିଲୋମିଟର ଭିତରେ ବିଦ୍ୟାଳୟ ବା ନିଶ୍ଚିତ ଶିକ୍ଷଣ ଯୋଜନା ଭଳି ବିକଳ୍ପ ଅନୁଷ୍ଠାନ ସ୍ଥାପନ ।

* ଯେଉଁଠି ଶିକ୍ଷା ନିଶ୍ଚିତ ଶିକ୍ଷଣ ଯୋଜନାର ସୁବିଧା ଅଛି ତାହାକୁ ନିୟମିତ ବିଦ୍ୟାଳୟକୁ ଉନ୍ନୀତ କରିବା ।

* ବିଦ୍ୟାଳୟକୁ ଆସୁନଥିବା ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ବୈକଳ୍ପିକ ତଥା ଅଭିନବ ଶିକ୍ଷା ପ୍ରକଳ୍ପ ଅଧୀନରେ ଶିକ୍ଷଣ ଶିବିର ଆୟୋଜନ ।

* ମହିଳା ସାମଖ୍ୟ ଭଳି ଉଦ୍‌ଯୋଗୀ କାର୍ଯ୍ୟକ୍ରମ ପାଇଁ ଅଭିନବ ଶିକ୍ଷା ଯୋଜନା ପାଣ୍ଠିରୁ ସାହାଯ୍ୟ ।

* ମହିଳା ଓ ଅନୁସୂଚିତ ଜାତି ଉପଜାତିର ପିତାମାତାଙ୍କ ଯୋଗଦାନକୁ ଲକ୍ଷ୍ୟରଖି ପ୍ରଗତିଶୀଳ ଗୋଷ୍ଠୀ ସହଯୋଗ ସମିତିର ବ୍ୟବସ୍ଥା ।

* ଝିଅପିଲା ଓ ଅନୁସୂଚିତ ଜାତି/ଉପଜାତିର ପିଲାମାନଙ୍କର ଶିକ୍ଷା ପାଇଁ ଅଞ୍ଚଳ ଭିତ୍ତିକ ଅଭିନବ ପ୍ରୟାସ ପାଇଁ ଆର୍ଥିକ ସାହାଯ୍ୟ । ନାମଲେଖା ଓ ଅବଧାରଣ ପାଇଁ ପ୍ରଚାର ଅଭିଯାନ, ସଂଯୋଗ ପାଠ୍ୟକ୍ରମ ଓ ବିଶେଷ ଶିକ୍ଷଣ ଶିବିର, ଆଦର୍ଶ ବିକଳ୍ପ ବିଦ୍ୟାଳୟ ପ୍ରତିଷ୍ଠା, ଗୋଷ୍ଠୀ ପ୍ରୋତ୍ସାହନ ପାଇଁ କର୍ମୀଦଳ ଗଠନ ଏବଂ କାର୍ଯ୍ୟରତ କର୍ମୀଦଳ ସହିତ କାମ କରିବା । ଉପସ୍ଥାନ ଯାଞ୍ଚ କରିବା, ପଛୁଆ ଶିଶୁମାନଙ୍କ ପାଇଁ ପ୍ରତିକାରକ ଶିକ୍ଷାଦାନ, ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଅନୁକୂଳ ଶିକ୍ଷାବାତାବରଣ ସୃଷ୍ଟି ଏହି ଅଭିନବ ଯୋଜନାର ଅନ୍ତର୍ଭୁକ୍ତ ।

* ବିଦ୍ୟାଳୟ ସୁପରିଚାଳନା ପାଇଁ ଗୋଷ୍ଠୀ ମୁଖିଆଙ୍କ ସାମର୍ଥ୍ୟ ବୃଦ୍ଧି ପାଇଁ ତାଲିମ ବ୍ୟବସ୍ଥା କରିବା । ସଫଳ ଓ ଉପଯୋଗୀ ଭାବେ ବିଦ୍ୟାଳୟ ପରିଦର୍ଶନ ନିମିତ୍ତ ଗୋଷ୍ଠୀ ସାଧନ କେନ୍ଦ୍ରମାନ ପ୍ରତିଷ୍ଠା ।

* ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ, ମାଗଣା ଛାତ୍ରାବାସ ସୁବିଧା ସହିତ ମାଗଣା ଭୋଜନ, ପ୍ରସାଧନ ସାମଗ୍ରୀ, ଖାତା, ପୋଷାକ ଆଦି ମିଳିବ ।

ଟିପ୍ପଣୀ

## ଆଶ୍ରମ ବିଦ୍ୟାଳୟ ପାଇଁ ଗୁଣବତ୍ତା ଉତ୍କର୍ଷ ସାଧନ ଯୋଜନା

ମହାରାଷ୍ଟ୍ର ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗର ଅନୁରୋଧ କ୍ରମେ ଆଶ୍ରମ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ଶିକ୍ଷାର ଗୁଣବତ୍ତାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକମର ଗ୍ରହଣ କରାଗଲା । ଏହି ଆଶ୍ରମ ସ୍କୁଲ, ବା ଆବାସିକ ବିଦ୍ୟାଳୟ ଗୁଡ଼ିକରେ ପ୍ରାଚୀନ ଭାରତୀୟ ଗୁରୁକୂଳ ପଦ୍ଧତି ଅନୁସୃତ । ଅଦ୍ୟାବଧି ଅବହେଳିତ ଆଦିବାସୀ ଛାତ୍ରଛାତ୍ରମାନଙ୍କୁ ଏଠାରେ ଶିକ୍ଷା ଦାନ କରାଯାଏ । ଏହି କାର୍ଯ୍ୟକ୍ରମର ୧୯୯୩-୧୯୯୭ ମଧରେ ହୋମୀ ଭାଭା ବିଜ୍ଞାନ ଶିକ୍ଷା କେନ୍ଦ୍ର ଦ୍ୱାରା ତିନୋଟି ଜିଲ୍ଲାରେ କାର୍ଯ୍ୟକାରୀ କରାଗଲା । ଏହି ଜିଲ୍ଲା ପଶ୍ଚିମ ମହାରାଷ୍ଟ୍ରର ଶାୟାଦ୍ରି ପର୍ବତମାଳାରେ ଅବସ୍ଥିତ । ଏହି କାର୍ଯ୍ୟକ୍ରମର ଫୋକସ୍ ତିନୋଟି ଜିନିଷ ଉପରେ ନିବଦ୍ଧ ଥିଲା : (୧) ସାମର୍ଥ୍ୟ ଗଠନ, (୨) ଶିକ୍ଷକ ପ୍ରଶିକ୍ଷଣ (୩) ପିଲାମାନଙ୍କ ମଧରେ ମିଳାମିଶା ଓ ଭାବ ବିନିମୟ ବୃଦ୍ଧି ।

**୧. ସାମର୍ଥ୍ୟ ଗଠନ :** ବିଦ୍ୟାଳୟ ସାମର୍ଥ୍ୟ ଗଠନ ପରିପ୍ରେକ୍ଷୀରେ ପାଠାଗାର ଓ ବିଜ୍ଞାନାଗାର ବିକାଶ ଉପରେ ଧ୍ୟାନ ଦିଆଗଲା । ପାଠାଗାରରେ ଉପଯୁକ୍ତ ପୁସ୍ତକମାନ ମହଜୁଦ ରହିଲା । ସେଗୁଡ଼ିକର ସଠିକ୍ ବ୍ୟବହାର ପାଇଁ ସୁବ୍ୟବସ୍ଥା କରାଗଲା । ଏହି ପରି ବିଜ୍ଞାନ ପରୀକ୍ଷାଗାରକୁ ଆବଶ୍ୟକ ଉପକରଣ ଉପଲବ୍ଧ କରାଇ ପ୍ରୟୋଗକ୍ଷମ କରାଗଲା । ଏହା ବ୍ୟତୀତ, ଗଣିତ ପ୍ରୟୋଗ ଶାଳା ବିକଶିତ କରିବାର ପ୍ରୟାସ ମଧ କରାଗଲା ।

**୨. ଶିକ୍ଷକ ପ୍ରଶିକ୍ଷଣ :** ତିନି ବର୍ଷ ମଧରେ ବିଜ୍ଞାନ ଏବଂ ଗଣିତର ଶିକ୍ଷକମାନଙ୍କ ପାଇଁ ତିନି ବର୍ଷରେ ଛଅଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରାଗଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷକଙ୍କୁ ଅନୁସୂଚିତ ଜାତି ଛାତ୍ରଛାତ୍ରୀ ସାମନା କରୁଥିବା ଅସୁବିଧା ସମ୍ପର୍କରେ ଅବଗତ କରାଗଲା ଏବଂ ସେହି ସମସ୍ୟାଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଦିଗ୍‌ଦର୍ଶନ ଦିଆଗଲା । ପଛୁଆ ପିଲାଙ୍କ ପାଇଁ ପ୍ରତିକାରକ ଅଧାପନା ସକାଶେ ସ୍ୱତନ୍ତ୍ର ଶିକ୍ଷଣ ସାମଗ୍ରୀ ଉପଲବ୍ଧ ହେଲା ।

**୩. ଛାତ୍ରଛାତ୍ରୀଙ୍କ ମଧରେ ମିଳାମିଶା ଓ ଭାବ ବିନିମୟ ବୃଦ୍ଧି :** ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ, ଶ୍ରେଣୀ ସମାପ୍ତ ହେବାପରେ ମଧ ଏକାଠି ରହୁଥିଲେ । ଏହି ସମୟରେ ପିଲାମାନଙ୍କ ମିଳାମିଶା, ଭାବ ବିନିମୟ ବୃଦ୍ଧିପାଇଁ ପ୍ରୟାସ କରାଗଲା । ପ୍ରଦର୍ଶନ



ଟିପ୍ପଣୀ

ପଟାରେ ସମ୍ବାଦଗତ ଲେଖା ପ୍ରଦର୍ଶନ କରିବା, ଆଖପାଖରେ ଉପଲବ୍ଧ ଶୁଖିଲା ଉଦ୍ଭିଦର ସଂଗ୍ରହ ଓ ସଂରକ୍ଷଣ ନିମିତ୍ତ ବିଦ୍ୟାଳୟରେ ଏକ ବନସ୍ପତି ବିଜ୍ଞାନ ସଂଗ୍ରହାଳୟ ସ୍ଥାପନ କରିବା ଆଦି ଦଳଗତ କାର୍ଯ୍ୟରେ ପିଲାଙ୍କୁ ନିୟୋଜନ କରାଗଲା । ଏହାଦ୍ୱାରା ପିଲାମାନେ ତାଙ୍କ ଅବସର ସମୟରେ ସଦୁପଯୋଗ କଲେ । ଆଶାତୀତ ଭାବେ ସେମାନଙ୍କ ବୌଦ୍ଧିକ ସାଫଲ୍ୟ ବୃଦ୍ଧି ପାଇଲା ।

**୯.୨.୩ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଶିକ୍ଷା** (Children with Special Needs - CWSN)

ସର୍ବଶିକ୍ଷା ଅଭିଯାନ ଉଦ୍ଦେଶ୍ୟ ସେତେବେଳେ ହିଁ ସାଧିତ ହୋଇପାରିବ, ଯେତେବେଳେ ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରୁଥିବା ପିଲାମାନେ ପ୍ରଚଳିତ ପ୍ରାଥମିକ ଶିକ୍ଷାରେ ସାମିଲ ହୋଇପାରିବେ । ଡ଼ି.ପି.ଇ.ପି. କାର୍ଯ୍ୟକାରୀ କରିବା କାର୍ଯ୍ୟକ୍ରମର ଅନେକ ଯୋଜନାରୁ ଏହା ସ୍ପଷ୍ଟ ହୋଇଗଲା ଯେ ଉପଯୁକ୍ତ ସହାୟକ ସେବା ପ୍ରଦାନ କରାଗଲେ ସ୍ୱତନ୍ତ୍ର ସହାୟତା ବିଶେଷ ଆବଶ୍ୟକ କରୁଥିବା ପିଲାମାନଙ୍କୁ (CWSN) ମଧ୍ୟ ସାଧାରଣ ବିଦ୍ୟାଳୟରେ ମଧ୍ୟ ଗୁଣବତ୍ତା ସମ୍ପନ୍ନ ଶିକ୍ଷା ଦିଆଯାଇ ପାରିବ । ସେମାନଙ୍କ ଅକ୍ଷମତା, ସେମାନଙ୍କ ଦକ୍ଷତା ସମ୍ପର୍କରେ ଅଜ୍ଞ ପିତାମାତା ତଥା ସମାଜର ସଚେତନତା ଅଭାବରୁ ଏମାନେ ଅଣଦେଖା, ଅଲୋଡ଼ା ହୋଇଯାଉଛନ୍ତି । ସେମାନଙ୍କୁ ପଢ଼ାଇବା ପାଇଁ ଶିକ୍ଷକମାନଙ୍କ ଭୟ ଓ ଆଶଂକା ସେମାନଙ୍କୁ ସେମାନଙ୍କ ଶିକ୍ଷାଗତ ଅଧିକାରରୁ ବଞ୍ଚିତ କରୁଛି । ଏମାନେ କ'ଣ କରିପାରିବେ ବିଚାରକୁ ନିଆ ନଯାଇ, କ'ଣ ନ କରିପାରିବେ ତା' ଉପରେ ନଜର । ତେଣୁ ସର୍ବସାଧାରଣ ଏମାନଙ୍କୁ ଦୟା, ଅନୁକମ୍ପା ପ୍ରଦର୍ଶନ କରିଥା'ନ୍ତି । କିନ୍ତୁ ସମାଜର ଏହି ମନୋବୃତ୍ତି ସେମାନଙ୍କ ପ୍ରଗତିର ପ୍ରତିବନ୍ଧକ । ଏମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାର ଗୁରୁତ୍ୱକୁ ହୃଦୟଙ୍ଗମ କରି ସର୍ବଶିକ୍ଷା ଅଭିଯାନ ଯୋଜନାରେ ଏମାନଙ୍କ ଶିକ୍ଷାପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ସର୍ବଶିକ୍ଷା ଅଭିଯାନ ଏକଥା ସୁନିଶ୍ଚିତ କରିଛି ଯେ ଅକ୍ଷମତାର ପ୍ରକାର ଭେଦ ଯାହା ହେଉନା କାହିଁକି ବିଶେଷ ସହାୟତା ଆବଶ୍ୟକ କରୁଥିବା ପ୍ରତ୍ୟେକ ଦିବ୍ୟାଙ୍ଗ ପିଲା ଉଦ୍ଦିଷ୍ଟ ଓ ଉତ୍ତମମାନର ଲାଭ କରିବ । ଏଣୁ ସର୍ବଶିକ୍ଷା ଅଭିଯାନ ଏହି ବାବଦରେ 'ଶୂନ ପ୍ରତ୍ୟାଖ୍ୟାନ ନୀତି' (Zero



ଟିପ୍ପଣୀ

Rejection Policy) ଗ୍ରହଣ କରିଛନ୍ତି । ଏହାର ଅର୍ଥ ହେଉଛି ବିଶେଷ ସହାୟତା ଆବଶ୍ୟକ କରୁଥିବା କୌଣସି ପିଲାକୁ ତା' ଶିକ୍ଷା ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ ।

୧୯୯୫ ମସିହାରେ ଭିନ୍ନକ୍ଷମ ବ୍ୟକ୍ତି (ଦିବ୍ୟାଙ୍ଗ) ମାନଙ୍କ ସୁବିଧା ସୁଯୋଗ (ସମାନ ସୁବିଧା, ଅଧିକାର ସୁରକ୍ଷା ଓ ଅଂଶ ଗ୍ରହଣ ବା ଯୋଗଦାନ) ସମ୍ପର୍କିତ ଭାରତ ସରକାରଙ୍କ ପ୍ରଣୀତ ଆଇନ୍‌କୁ ଅନୁସରଣ କରିଥିବା ସର୍ବଶିକ୍ଷା ଅଭିଯାନଙ୍କ କାର୍ଯ୍ୟଧାରା ବ୍ୟବସ୍ଥା କରିଛି ଯେ ବିଶେଷ ସହାୟତା ଆବଶ୍ୟକ କରୁଥିବା ପିଲା ଏପରି ଏକ ପରିବେଶରେ ଶିକ୍ଷା ଗ୍ରହଣ କରିବ ଯାହା ତା' ଚାହିଦାକୁ ବହୁମାତ୍ରାରେ ପୂରଣ କରିପାରୁଥିବ । ଏପରି ଅନୁଷ୍ଠାନ ଗୁଡ଼ିକ ହେଲା ସେମାନଙ୍କ ପାଇଁ ଉଦ୍ଦିଷ୍ଟ, ନୂତନ ବିଦ୍ୟାଳୟ ବିକଳ୍ପ ଅଭିନବ ଶିକ୍ଷା କାର୍ଯ୍ୟକ୍ରମ, ଘର ପାଠପଢ଼ା । ସୁତରାଂ ଏମାନଙ୍କ ପାଇଁ ଘରେ ଗାଁ'ରେ ବ୍ଲକ୍ କିମ୍ବା ଜିଲ୍ଲା ସ୍ତରରେ ଶିକ୍ଷଣ ଯୋଜନା ପ୍ରସ୍ତୁତ କଲାବେଳେ ସେମାନଙ୍କ ବିଶେଷ ଚାହିଦା ପ୍ରତି ଧ୍ୟାନ ଦେବାକୁ ହେବ । CWSN ପିଲାମାନଙ୍କ ପାଇଁ କିଛି ବିଶେଷ ଆବଶ୍ୟକତା ହେଲା – ଜ୍ଞାନ ସମ୍ବଳ ସହଯୋଗ, ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା, ଚଳନକ୍ଷମ ଶିକ୍ଷଣ ଉପକରଣ ଇତ୍ୟାଦି । ଏହି ପିଲାମାନେ ଆବଶ୍ୟକ କରୁଥିବା ଆହୁରି କିଛି ବିଶେଷ ସୁବିଧା ରହିଛି । ସେଗୁଡ଼ିକ ହେଲା ପ୍ରଚଳିତ କ୍ରିୟାକଳାପ ଯଥା ଗୋଷ୍ଠୀ ସଚେତନତା, ଗ୍ରାମ ଶିକ୍ଷା ସମିତିର ସାମର୍ଥ୍ୟ ବିକାଶ, ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣ, ବିଦ୍ୟାଳୟ ପରିସରରେ ପ୍ରବେଶ ସୁବିଧା ତଥା ଭିନ୍ନକ୍ଷମଙ୍କ ଅନୁକୂଳ କରିବା, ଆଦ୍ୟ ବାଲ୍ୟାବସ୍ଥା ଯତ୍ନ ତଥା ଶିକ୍ଷା ଏବଂ ଝିଅମାନଙ୍କର ଶିକ୍ଷା ।

ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଶିକ୍ଷା ଅଧିକାରକୁ ବାସ୍ତବରୂପ ଦେବାକୁ ହେଲେ ପ୍ରତି ଘର ବା ପରିବାର ଭିତ୍ତିରେ ସର୍ବେକ୍ଷଣ କରି ଏହି ପିଲାମାନଙ୍କ ଅସାମର୍ଥ୍ୟ ଶ୍ରେଣୀ ଅନୁସାରେ ଚିହ୍ନଟ କରିବାକୁ ହେବ । ବିଦ୍ୟାଳୟ ତଥା ଜିଲ୍ଲା ସ୍ତରରେ ସମୁଦାୟ ପିଲା ସଂଖ୍ୟାରୁ ଏମାନଙ୍କ ଆନୁପାତିକ ସଂଖ୍ୟାର ତଥ୍ୟ ସଂଗ୍ରହ କରିବାକୁ ହେବ । ଜିଲ୍ଲାସ୍ତରରେ ଏମାନଙ୍କୁ କି ସୁବିଧା ସୁଯୋଗ ଉପଲବ୍ଧ ହେଉଛି ତାହା ଚିହ୍ନଟ କରିବାକୁ ହେବ । ଏହି ପିଲାମାନଙ୍କର କ୍ରିୟାତ୍ମକ ତଥା ଔପଚାରିକ ମୂଲ୍ୟାଙ୍କନ କରିବାର ପ୍ରୟାସ ମଧ୍ୟ କରିବା ଦରକାର । ବିଶେଷ ଆବଶ୍ୟକତା ଥିବା ପିଲାମାନେ, ଯେଉଁମାନେ ବିଦ୍ୟାଳୟର ବାହାରେ ଅଛନ୍ତି ସେମାନଙ୍କୁ ନିୟମିତ ବିଦ୍ୟାଳୟରେ ଭର୍ତ୍ତି କରିବା ପାଇଁ ସ୍ୱତନ୍ତ୍ର ପରିବହନ ଓ ଅନ୍ୟ ସୁବିଧା ଗୁଡ଼ିକର ଉପଲବ୍ଧତାର ଆକଳନ ମଧ୍ୟ



ଟିପ୍ପଣୀ

କରିବା ଦରକାର । ଏହି ପରି ଚିହ୍ନଟ ହୋଇଥିବା ପିଲାମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ବେସରକାରୀ ସଂସ୍ଥା, ଏ.ଡ଼.ଆଇ.ପି. / ଏ.ଏଲ୍.ଆଇ.ଏମ୍.ସି.ଓ. / ଆଇ.ଇ.ଡି.ସି. ବା ଅନ୍ୟ ସଂସ୍ଥା, ସର୍ବଶିକ୍ଷା ଅଭିଯାନ ଆଦିଙ୍କ ମିଳିତ ଆନୁକୂଲ୍ୟରେ ଯୋଗାଇ ଦିଆଯାଇଥିବା ସାହାଯ୍ୟ ଓ ଶିକ୍ଷଣ ସାମଗ୍ରୀର ଆକଳନ ଆବଶ୍ୟକ ।

ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କୁ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି, ଫିଜିଓଥେରାପି ଚିକିତ୍ସା ବିଶାରଦଙ୍କ ଦୀର୍ଘମିଆଦୀ ପ୍ରଶିକ୍ଷଣ ପାଇଁ ଆର୍ଥିକ ସମ୍ବଳ; ତାଲିମ ମୂଲ୍ୟାୟନ ଅଭିନବ ଶିକ୍ଷା ପଦ୍ଧତି ପ୍ରୟୋଗ ପାଇଁ ବେସରକାରୀ ସଂସ୍ଥା ବା ସ୍ୱତନ୍ତ୍ର ବିଦ୍ୟାଳୟ ମାନଙ୍କ ବ୍ୟବହାର ଓ ସହଯୋଗର ସୂତ୍ର ଖୋଜି ବାହାର କରିବା ଉଚିତ । ବିକଳ୍ପ ପନ୍ଥା ଭାବରେ ସର୍ବକାଳୀନ ସାମୂହିକ ଶିକ୍ଷକ ତାଲିମ ଓ ଶିକ୍ଷକ ସଚେତନ କାର୍ଯ୍ୟକ୍ରମ ପାଇଁ ସହାୟକ ଜ୍ଞାନ ସମ୍ବଳ ଓ ଆର୍ଥିକ ସମ୍ବଳ ଚିହ୍ନଟ କରିବାକୁ ହେବ । ସମସ୍ତ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ବିଦ୍ୟାଳୟକୁ ଆଣିବା ଉଦ୍ଦେଶ୍ୟରେ ଗୋଷ୍ଠୀ ଜାଗରଣ ଏବଂ ପିତାମାତାଙ୍କ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରାଯିବ । ଦିବ୍ୟାଂଙ୍ଗ ପିଲାମାନଙ୍କ ସାଥୀରେ ଅନ୍ୟପିଲାଙ୍କୁ ଏକାଠି ପଢ଼େଇବା ବ୍ୟବସ୍ଥା ପାଠ୍ୟକ୍ରମରେ ସ୍ଥାନିତ କରିବା ପାଇଁ ପ୍ରୟାସ ଜରୁରୀ ।

ଏହି ପିଲାଙ୍କ ପରୀକ୍ଷା ଓ ମୂଲ୍ୟାୟନ ପଦ୍ଧତିରେ କୋହଳ ନିୟମ ଅନୁସରଣ କରିବା ଉଚିତ । ଯେମିତି ଦୃଷ୍ଟିହୀନ ପିଲାଙ୍କ ପାଇଁ ଲେଖକର ସୁବିଧା, ବାକ୍‌ଶକ୍ତି ବାଧିତ କିମ୍ବା ପକ୍ଷାଘାତ ପୀଡ଼ିତ ପିଲାମାନଙ୍କୁ ବେଶୀ ସମୟ ଦେବାର ସୁବିଧା, ଶ୍ରବଣ ବା ବାକ୍ ଶକ୍ତି ବାଧିତ ପିଲାମାନଙ୍କୁ ମାତ୍ର ଗୋଟିଏ ଭାଷା ପଢ଼ିବାର ବିକଳ୍ପ ଆଦି । ଜିଲ୍ଲା ଅଧିକାରୀ ତଥା ସ୍ଥାନୀୟ ଜନତାର ମିଳିତ ସହଯୋଗରେ ବିଦ୍ୟାଳୟ ଗୃହରେ ଥିବା ନିର୍ମାଣଗତ ପ୍ରତିବନ୍ଧକ ଦୂରକରି ଏହି ପିଲାଙ୍କ ଅନୁକୂଳ ବ୍ୟବସ୍ଥା ଯଥା – ଶିଡ଼ି ବଦଳରେ ଗଡାଣିଆ ଚଟାଣ (ରାମ୍ପ) ଶିଡ଼ି କଡ଼ର ବାଡ଼ ବା ଧାରଣା, ଶୌଚାଳୟର ଆକାର ପରିବର୍ତ୍ତନ, ଶ୍ରେଣୀଗୃହରେ ସ୍ୱତନ୍ତ୍ର ବ୍ୟବସ୍ଥା ଇତ୍ୟାଦି । ବିଦ୍ୟାଳୟର ଆକାର ପରିବର୍ତ୍ତନ, ଶ୍ରେଣୀଗୃହରେ ସ୍ୱତନ୍ତ୍ର ବ୍ୟବସ୍ଥା ଇତ୍ୟାଦି । ବିଦ୍ୟାଳୟରେ ନାମ ପଞ୍ଜୀକରଣ ଓ ଉପସ୍ଥାନ ଆଦି କାର୍ଯ୍ୟକୁ ଯାଞ୍ଚ କରିବାଲକ୍ଷରେ ଶିକ୍ଷା ସମିତିମାନଙ୍କ କାର୍ଯ୍ୟସରଣୀ ପ୍ରସ୍ତୁତ କରିବା ଆବଶ୍ୟକ ।



ଟିପ୍ପଣୀ

ସମୁଦାୟ ଗୋଷ୍ଠୀ ମିଶିକରି ଯୋଜନା ତିଆରି କରିବା ଦରକାର ଯେଉଁଥିରେ ବର୍ତ୍ତମାନ ବିଦ୍ୟାଳୟଗୁଡ଼ିକୁ ବାସ୍ତୁକଳା ସମ୍ବନ୍ଧୀ ବାଧାଗୁଡ଼ିକ ଦୂର ହୋଇ ଯିବ ତଥା ବିଶେଷ ଆବଶ୍ୟକତା ଥିଲା ପିଲାମାନଙ୍କ ପାଇଁ ଅନୁକୂଳ ବାତାବରଣ ମିଳି ପାରିବ । ରାମ୍ପ, ହ୍ୟାଣ୍ଡରେଲ୍, ଶୌଚାଗାର, ଶ୍ରେଣୀ ମାନଙ୍କ ପଞ୍ଜିକରଣ ଓ ଧାରଣକୁ ପରିଦର୍ଶନ କରିବା ପାଇଁ ଅଭିଭାବକ ବା ବେସରକାରୀ ସଂଗଠନ ଗୁଡ଼ିକୁ ତଥା ଗ୍ରାମ ଶିକ୍ଷା ସମିତିକୁ ସମ୍ମିଳିତ କରିବା ଦରକାର ।

### ୯.୨.୪ ଭୌଗୋଳିକ ଦୃଷ୍ଟିରୁ ଅପହଞ୍ଚ ଇଲାକାର ପିଲାମାନଙ୍କ ଶିକ୍ଷା :

ଅସଂରକ୍ଷିତ ଅଞ୍ଚଳରେ ଥିବା ନିଶ୍ଚିତ ଶିକ୍ଷଣ ଯୋଜନାକୁ (EGS) କାର୍ଯ୍ୟକାରୀ କରୁଥିବା ବିଦ୍ୟାଳୟ ସମୂହ ଗୁଡ଼ିକରେ ବିଦ୍ୟାଳୟ ଆସୁନଥିବା ପିଲା ଓ ଦୁର୍ଗମ ପରିବେଶରେ ଥିବା ପିଲାମାନଙ୍କ ପାଇଁ ବିକଳ୍ପ ତଥା ଅଭିନବ ଶିକ୍ଷା କାର୍ଯ୍ୟକ୍ରମ (AIE)କୁ ଗ୍ରହଣ କରାଯିବା ମଧ୍ୟ ସର୍ବ ଶିକ୍ଷା ଅଭିଯାନର ଅଙ୍ଗ । ନିଶ୍ଚିତ ଶିକ୍ଷା ଯୋଜନା (EGS) ତଥା ବୈକଳ୍ପିକ ତଥା ଅଭିନବ ଶିକ୍ଷା (AIE)ର ପ୍ରବନ୍ଧନ ପରିଚାଳନାକୁ ଶିକ୍ଷା ଯୋଜନାରେ ସମାବିଷ୍ଟ କରାଯିବା ଆବଶ୍ୟକ । ଏହି ସବୁ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଯୋଜନା ଏବଂ ଉଦାର ବିତ୍ତୀୟ ପରିମାପ (Flexible Financial Parameters)ର ଆବଶ୍ୟକତା ଅଛି । ଏହି ଯୋଜନାର ଚାରୋଟି ମୁଖ୍ୟ ଦିଗ ରହିଛି :-

i) ଛୋଟ ଉପେକ୍ଷିତ ଆବାସ ସ୍ଥାନଗୁଡ଼ିକ ପାଇଁ ପୂର୍ଣ୍ଣକାଳୀକ ଗୋଷ୍ଠୀ ବିଦ୍ୟାଳୟ

ii) ବିଭିନ୍ନ ସମୟ ଅବଧିରେ ସଂଯୋଗ ପାଠ୍ୟକ୍ରମ (Bridge Courses) ଦ୍ୱାରା ପିଲାମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା

iii) ବିଶେଷ ସଂପ୍ରଦାୟର ପିଲାମାନେ, ଯେମିତିକି – ବାଳ ଶ୍ରମିକ, ରାସ୍ତାକଡ଼ରେ ବୁଲୁଥିବା ପିଲା, କିଶୋରୀ ଝିଅ ତଥା କେତେକ ପଛୁଆ ଶ୍ରେଣୀର ଝିଅ, ଯାଯାବର ପରିବାରର ପିଲାମାନଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ।

iv) ଅଭିନବ ଶିକ୍ଷା କାର୍ଯ୍ୟକ୍ରମ – ଅଧ୍ୟାପନା, ପାଠ୍ୟକ୍ରମ, ଯୋଜନା, ପରିଚାଳନା, ପାଠ୍ୟପୁସ୍ତକ, ଶିକ୍ଷଣ ସାମଗ୍ରୀ ଇତ୍ୟାଦିରେ ନୂତନ କୌଶଳର ବିନିଯୋଗ ।



ଟିପ୍ପଣୀ

v) ଯେଉଁଠି ଏକ କିଲୋମିଟର ଭିତରେ ବିଦ୍ୟାଳୟ ନାହିଁ ଏବଂ ସେଠାରେ ବିଦ୍ୟାଳୟ ଯିବା ଯୋଗ୍ୟ ବୟସର ପିଲାଙ୍କ ପାଇଁ ଗୋଟିଏ ନିଶ୍ଚିତ ଶିକ୍ଷା ଯୋଜନା (EGS) ପ୍ରକାରର ବିଦ୍ୟାଳୟ ରହିବା ଦରକାର । ଯେଉଁ ପିଲାମାନେ ମଝିରେ ବିଦ୍ୟାଳୟ ଛାଡ଼ିଛନ୍ତି ସେମାନଙ୍କ ପାଇଁ ସଂଯୋଗ ପାଠ୍ୟକ୍ରମର ବ୍ୟବସ୍ଥା ହେବା ଦରକାର, ଯାହାଦ୍ୱାରା ସେମାନଙ୍କୁ ମୁଖ୍ୟଧାରାକୁ ଅଣାଯାଇ ପାରିବ । ଉଦ୍ଦେଶ୍ୟ ହେଉଛି ନିଶ୍ଚିତ ଶିକ୍ଷା ଯୋଜନା ତଥା ବିକଳ୍ପ ଅଭିନବ ଶିକ୍ଷା ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଅନିବାର୍ଯ୍ୟ ଅଙ୍ଗ । ନିଶ୍ଚିତ ଶିକ୍ଷା ଯୋଜନା (EGS) ତଥା ବିକଳ୍ପ ଅଭିନବ ଶିକ୍ଷାକୁ (AIE) ଆଂଚଳିକ ସାଧନ କେନ୍ଦ୍ର, ଗୋଷ୍ଠୀ ସାଧନ କେନ୍ଦ୍ର, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ସହିତ ସଂଯୁକ୍ତ କରିବା ଆବଶ୍ୟକ ।

vi) ବିଦ୍ୟାଳୟ ଆସୁ ନ ଥିବା ପିଲାମାନଙ୍କ ଭିତରେ ବହୁତ ବିଭିନ୍ନତା ଅଛି । ସେମାନେ ବିଦ୍ୟାଳୟ ନଥିବା ବହୁ ଦୂରବର୍ତ୍ତୀ ସ୍ଥାନରେ ବାସ କରୁଥିବେ, ସେମାନେ ଶ୍ରମଜୀବୀ ପିଲା ବା ଗଳିରେ ବୁଲୁଥିବା ପିଲା ମଧ୍ୟ ହୋଇପାରନ୍ତି ଅଥବା ସହରୀ ବସ୍ତିରେ ରହୁଥିବା ସମସ୍ତ ସୁବିଧାରୁ ବଞ୍ଚିତ ପିଲାମାନେ ହୋଇପାରନ୍ତି । ସେମାନେ ଗୋତି ଶ୍ରମିକଙ୍କ ପିଲା, ଦେହଜୀବିମାନଙ୍କର ପିଲା, ସଂଖ୍ୟାଲଘୁଙ୍କ ସମ୍ପ୍ରଦାୟର ଝିଅ ବି ହୋଇପାରନ୍ତି । ହୁଏତ ଏପରି ଝିଅମାନେ ହୋଇପାରନ୍ତି ଯେଉଁମାନେ ଘରକାମରେ ବ୍ୟସ୍ତ ରହନ୍ତି ବା ଛୋଟ ଭାଇଭଉଣୀଙ୍କୁ ଘରେ ସମ୍ଭାଳି ଥାନ୍ତି । ଏଥି ମଧ୍ୟରୁ ଗାଈ ମଇଁଷି ବା ଛେଳି ଚରାଉଥିବା ପିଲାମାନେ ହୋଇପାରନ୍ତି । ପିଲାମାନଙ୍କ ଭିତରେ ଥିବା ଏହି ବିବିଧତାକୁ ମୁକାବିଲା କରିବାକୁ ହେଲେ ବିଭିନ୍ନ ପଦ୍ଧତି ଓ କୌଶଳ ଅବଲମ୍ବନ କରିବାକୁ ହେବ ।

vii) ନିଶ୍ଚିତ ଶିକ୍ଷା ଯୋଜନା ଓ ବିକଳ୍ପ ଅଭିନବ ଶିକ୍ଷା ବ୍ୟବସ୍ଥା ଅଗ୍ରାଧିକାର ଭିତ୍ତିରେ ଅସଂରକ୍ଷିତ ଅଞ୍ଚଳରେ ପ୍ରାଥମିକ ସ୍ତରରେ ନିଶ୍ଚିତ ଶିକ୍ଷା ଯୋଜନା କେନ୍ଦ୍ର ସ୍ଥାପନ କରିବେ ଯେଉଁଠି ଏକ କିଲୋମିଟର ପରିଧି ଭିତରେ କୌଣସି ବିଦ୍ୟାଳୟ ନଥିବ ଏବଂ ଛଅ ରୁ ଚଉଦ ବର୍ଷ ବୟସର ୧୫ ଜଣ ପିଲା (ପାହାଡ଼ିଆ ଅଞ୍ଚଳରେ ୧୦ ଜଣ ହେଲେ ଚଳିବ) ପଢ଼ିବା ପାଇଁ ମିଳି ପାରୁଥିବେ । ପାଠ ପଢୁନଥିବା ପିଲାମାନଙ୍କୁ ମୁଖ୍ୟ



ଟିପ୍ପଣୀ

ସ୍ରୋତରେ ସାମିଲ୍ କରିବାପାଇଁ ବିକଳ୍ପ ଅଭିନବ ଶିକ୍ଷା ଯୋଜନାରେ ବିଭିନ୍ନ ଅବଧି ଭିତ୍ତିକ ବିଶେଷ ସଂଯୋଗ ପାଠ୍ୟକ୍ରମର ପ୍ରସ୍ତୁତି ଆବଶ୍ୟକ । ଅତି-ଅସୁବିଧାଜନକ ପରିସ୍ଥିତିରେ ଥିବା ପିଲା – ଶ୍ରମଜୀବୀ ଶିଶୁ, ଗଳିରେ ବୁଲୁଥିବା ପିଲା, ପ୍ରାପ୍ତ ବୟସ୍କା ଝିଅ, ପଛୁଆ ବର୍ଗର ଝିଅ, ଯାଯାବର ପରିବାରର ପିଲା – ଯେଉଁମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣିହେବ ନାହିଁ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିନବ ଯୋଜନା ପ୍ରସ୍ତୁତ କରାଯାଇପାରିବ ।

### ୯.୨.୫ ସୁବିଧାରୁ ବଞ୍ଚିତ ସହରୀ ପିଲାମାନଙ୍କ ଶିକ୍ଷା

ସହରାଞ୍ଚଳରେ ଅନେକ ଅଭାବଗ୍ରସ୍ତ ପିଲା ଅଛନ୍ତି । ଏମାନଙ୍କ ଶିକ୍ଷଣ ବ୍ୟବସ୍ଥା ଏକାନ୍ତ ଜରୁରୀ । ଏହି ଗରିବ ପିଲାମାନଙ୍କ ଶିକ୍ଷଣ ସମସ୍ୟା ସମ୍ବନ୍ଧରେ ସଦ୍ୟ ଆକଳନର ସୂଚନା ମିଳୁଛି । ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ସହରାଞ୍ଚଳର ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ହେଉଥିବାରୁ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ସୁଫଳ ଏହି ପିଲାଙ୍କ ପାଖରେ ପହଞ୍ଚି ପାରୁନାହିଁ । ମୁମ୍ବାଇରେ 'ପ୍ରଥମ' (PRATHAM) ନାମକ ବେସରକାରୀ ସଂସ୍ଥା ମ୍ୟୁନିସିପାଲ କର୍ପୋରେସନ୍ ଏବଂ କଲକତାରେ ଥିବା ନଗର ପ୍ରକଳ୍ପ ଅଭିଯାନଙ୍କ ସହଭାଗୀତାରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି । କେତେକ ମହାନଗରୀରେ ମ୍ୟୁନ୍ସିପାଲ୍ କର୍ପୋରେସନ୍‌କୁ ପ୍ରାଥମିକ ଶିକ୍ଷା ଯୋଜନା ପ୍ରସ୍ତୁତି ପାଇଁ ଜିଲ୍ଲା ହିସାବରେ ଗ୍ରହଣ କରାଯାଇଛି । ପରିଚାଳନା ବିକେନ୍ଦ୍ରୀକରଣ ଏହି ପ୍ରସ୍ତାବ ଅନ୍ତର୍ଭୁକ୍ତ । ମ୍ୟୁନିସିପାଲ୍ କର୍ପୋରେସନ୍ ଏହି ଯୋଜନା ତିଆରି କରିବେ । ସର୍ବଶିକ୍ଷା ଅଭିଯାନ ଦାୟିତ୍ୱରେ ଅର୍ଥ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ସୁପାରିଶ କରିବେ । ରାଜ୍ୟ ସରକାର କେଉଁ ସୂତ୍ରରୁ ଏ ଅର୍ଥ ଭରଣା କରିବେ ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ସର୍ବଶିକ୍ଷା ଅଭିଯାନଙ୍କ ସମସ୍ତ ନିୟମ ସହରାଞ୍ଚଳ ପାଇଁ ଲାଗୁ ହେବ । ଏହି ଅଞ୍ଚଳରେ ସହରୀ ବସ୍ତିକ୍ଲଷ୍ଟର କୁ ଯୋଜନାର ଇଉନିଟ୍ ହିସାବରେ ନିଆଯିବ । ଶିକ୍ଷା ବାବଦରେ ସହରାଞ୍ଚଳର ସ୍ୱତନ୍ତ୍ର ସମସ୍ୟା ରହିଛି ଯଥା ଗଳିରେ ବୁଲୁଥିବା ପିଲାଙ୍କ ଶିକ୍ଷା, ଜରିଗୋଟାଳୀ ପିଲାଙ୍କ ଶିକ୍ଷା, ଏମିତି ପିଲା ଅଛନ୍ତି ଯେଉଁ ମାନଙ୍କ ପିତାମାତାଙ୍କ ଜୀବନ ଜୀବିକା ସେମାନଙ୍କ ପାଠପଢ଼ାରେ ଅସୁବିଧା ସୃଷ୍ଟିକରେ, ସହରୀ ଶ୍ରମିକ ବସ୍ତିରେ ରହୁଥିବା ପିଲାଙ୍କ ଶିକ୍ଷା, କଳକାରଖାନାରେ, ଅନ୍ୟ ଘରେ, ଚା' ଦୋକାନରେ କାମ କରୁଥିବା

ଟିପ୍ପଣୀ

ପିଲାଙ୍କ ଶିକ୍ଷା । ସହରାଞ୍ଚଳ ଶିକ୍ଷଣ ସମସ୍ୟାର ମୁକାବିଲା କରିବା ପାଇଁ ବହୁବିଧ ପନ୍ଥା ଆବଶ୍ୟକ । ସହରାଞ୍ଚଳ ବିଦ୍ୟାଳୟ ମାନଙ୍କ ପାଇଁ ପୃଥକ ପ୍ରଶାସନିକ ବ୍ୟବସ୍ଥା ଜରୁରୀ । ଏଥି ନିମନ୍ତେ ସହରାଞ୍ଚଳର ପ୍ରାଥମିକ ଶିକ୍ଷା ଦାୟିତ୍ୱରେ ଥିବା ବିଭିନ୍ନ ସରକାରୀ ବିଭାଗ ଓ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କ ସହଯୋଗ ଓ ମିଳିତ ପ୍ରୟାସ ଆବଶ୍ୟକ । ଏହି ଶ୍ରେଣୀର ପିଲାମାନଙ୍କ ପାଇଁ ପୃଥକ୍ ଯୋଜନା ବିଧେୟ । କ୍ଷୁଦ୍ର ସହର ପାଇଁ ଜିଲ୍ଲା ସ୍ତରୀୟ ଯୋଜନାର ଅନ୍ତର୍ଭୁକ୍ତ କରାଯାଇ ପାରେ । ମହାନଗରୀ ହେଉ ବା ସାନ ସହର ହେଉ, ଉଭୟ କ୍ଷେତ୍ରରେ ବେସରକାରୀ ସଂସ୍ଥା ଓ ମ୍ୟୁନିସିପାଲିଟି ବା ସ୍ୱାୟତ୍ତ ଶାସନ ସଂସ୍ଥା ମାନଙ୍କର ସହଭାଗୀତା ଦରକାର ।

ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ଆବଶ୍ୟକ କରୁଥିବା ଏକ ବିଶିଷ୍ଟ ବର୍ଗର ଶିଶୁ ସହରର ସ୍ୱଳ୍ପ ଆୟକାରୀ ଅଞ୍ଚଳରେ ରହନ୍ତି । ଏମାନେ ସହରୀ ଆର୍ଥିକ ଦୁର୍ବଳ ଶ୍ରେଣୀର । ଏମାନେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ଅଧିକନ୍ତୁ ଏମାନେ ପାରିବାରିକ ପ୍ରୋତ୍ସାହନ ପାଆନ୍ତି ନାହିଁ କି ପାଠ ପଢ଼ିବା ପାଇଁ ସୁବିଧା ସୁଯୋଗ ବି ସେମାନଙ୍କୁ ମିଳି ନଥାଏ । ସହରୀ ଗରିବ ପିଲାମାନେ ଶିକ୍ଷା ବ୍ୟବସ୍ଥାରୁ ବାଦ୍ ପଡ଼ନ୍ତି । ପ୍ରାଥମିକ ଶିକ୍ଷାର ଲାଭକରିବା ଏମାନଙ୍କ ପାଇଁ ଏକ ଆହ୍ୱାନ୍ ହୋଇ ରହିଯାଏ । ସହରାଞ୍ଚଳରେ ଏହି ପିଲାମାନଙ୍କ ପ୍ରାଥମିକ ଶିକ୍ଷା ଅଧିକାର ଓ ସୁଯୋଗରୁ ବଞ୍ଚିତ ହେବାର ଅନେକ କାରଣ ରହିଛି । ପ୍ରଶାସନିକ ବ୍ୟବସ୍ଥାର ବହୁ ବିନ୍ୟାସ, ସୂକ୍ଷ୍ମ ସ୍ତରୀୟ ଯୋଜନା ଓ ସହଯୋଗ ଭିତ୍ତିକ କାର୍ଯ୍ୟକାରୀତାର ଅଭାବ, ବିବିଧତାପୂର୍ଣ୍ଣ ସମାଜର ଆବଶ୍ୟକ ପରିମାଣର ଉପକରଣ ନଥିବା ସରକାରୀ ବିଦ୍ୟାଳୟ ଶ୍ରେଣୀରେ ବ୍ୟବହୃତ ପାଠ୍ୟକ୍ରମରେ ପ୍ରତିଫଳିତ ଅସମତା, ଅନୁନ୍ନତ ମାନର ଶିକ୍ଷାଦାନ, ଭିତ୍ତିଭୂମିର ଅଭାବ ବିଦ୍ୟାଳୟର ଅବସ୍ଥିତି ଓ ସମୟ ନିର୍ଘଣ୍ଟ ପ୍ରଣାଳୀ, ଆୟ ହ୍ରାସ, ପାଠ ପଢୁନଥିବା ପିଲାଙ୍କ ଉପରେ ଆଧାରିତ ପ୍ରକୃତ ତଥ୍ୟାବଳୀ, ନୂତନ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଖୋଲାଜାଗାର ଘୋର ଅଭାବ ଇତ୍ୟାଦି ମୁଖ୍ୟ କାରଣ ।

ସହରାଞ୍ଚଳର ଆର୍ଥିକ ଦୁର୍ବଳ ଶ୍ରେଣୀର ଅନେକ ପିଲା ଅନେକ ସୁବିଧା ସୁଯୋଗ ବଞ୍ଚିତ । ଏମାନଙ୍କୁ ଶିକ୍ଷିତ କରାଇବା ଯେତିକି ଜଟିଳ ସେତିକି ବିବିଧତାରେ ପରିପୂର୍ଣ୍ଣ । ଏଗୁଡ଼ିକ ହେଲା ବିଶ୍ୱାସ ଯୋଗ୍ୟ ତଥ୍ୟର ଅଭାବ, ଏହି ପିଲାଙ୍କ ବିଦ୍ୟାଳୟରେ ଯୋଗଦାନ ପାଇଁ ପ୍ରୋତ୍ସାହନର ଅଭାବ, ବିଦ୍ୟାଳୟର ଅବସ୍ଥିତି ଏବଂ ଆହୁରି ଅନେକ । ଯଦିଓ ଏହି ଅଞ୍ଚଳରେ ବହୁ ବେସରକାରୀ ସଂସ୍ଥା କାର୍ଯ୍ୟ କରୁଅଛନ୍ତି, ତଥାପି ଅନେକ ପିଲା ସେମାନଙ୍କ ପରିସର ଭୁକ୍ତ



ଟିପ୍ପଣୀ

ନୁହନ୍ତି ଏବଂ ଅନେକ ଅଞ୍ଚଳରେ ସେମାନେ ପହଞ୍ଚିପାରି ନାହାଁନ୍ତି । ଆହୁରି ମଧ୍ୟ ପର୍ଯ୍ୟାପ୍ତ ସଂଖ୍ୟାର ପିଲା ଯାଯାବର ପରିବାରର । ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ମଧ୍ୟ ଏହି ଗୋଷ୍ଠୀର ପିଲାମାନଙ୍କ ପ୍ରାଥମିକ ଶିକ୍ଷା ପାଇଁ ଆସୁଥିବା ଆହ୍ୱାନର ମୁକାବିଲା କରିପାରୁ ନାହାନ୍ତି ।

ସହରାଞ୍ଚଳ ଏହି ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନଙ୍କୁ ନିମ୍ନ ପ୍ରଦତ୍ତ ଶ୍ରେଣୀଭୁକ୍ତ କରାଯାଇପାରେ:

୧. ବସ୍ତି ବା ପୁନର୍ବାସ କଲୋନୀ ଗୁଡ଼ିକରେ ରହୁଥିବା ପିଲା

୨. ବାଳ ଶ୍ରମିକ, ଶ୍ରମିକ ବା ଅନ୍ୟ ଘରେ କାମକରୁଥିବା ପିଲା

୩. ଗଳି ଗୁଡ଼ିକରେ ବୁଲୁଥିବା ପିଲା (Street Children)

୪. ଦେହଜୀବିମାନଙ୍କର ପିଲା

୫. ବାରବୁଲା ଶ୍ରମିକ ମାନଙ୍କ ପିଲା (Children of Migrant Workers)

୬. ବିଚାରାଧୀନ ବାଳ କଏଦୀ, କିଶୋର ସୁଧାର ଗୃହର ପିଲା, ବାଳ ଅପରାଧୀ

୭. ଭିଖ ମାଗୁଥିବା ପିଲା (Child Beggers)

୮. ସହରାଞ୍ଚଳ ଆର୍ଥିକ ଦୁର୍ବଳ ଶ୍ରେଣୀର ଭିନ୍ନକ୍ଷମ ପିଲା

ଏମାନଙ୍କ ମଧ୍ୟରୁ ଅନେକ ପିଲା ଦୀର୍ଘକାଳୀନ ଭିତ୍ତିରେ ବ୍ୟକ୍ତି ଗତ, ଧ୍ୟାନ ଓ ସହାୟତା ଆବଶ୍ୟକ କରନ୍ତି । ଏହି ପିଲାମାନଙ୍କ ପାଇଁ ଶିକ୍ଷା ଯୋଜନା ତିଆରି ସମୟରେ ନମନୀୟ ତଥା ସହଜସାଧ୍ୟ କର୍ମ କୌଶଳ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ସର୍ବଶିକ୍ଷା ଅଭିଯାନ ପାଠ ପଢୁନଥିବା ପିଲାଙ୍କୁ ନିଶ୍ଚିତ ଶିକ୍ଷା ଯୋଜନାର ସୁବିଧା ଦେଇଛନ୍ତି । ସରକାର ଏକା ଏକା ସେମାନଙ୍କ ଆବଶ୍ୟକତା ପୂରଣ କରିପାରୁ ନଥିବାରୁ ଏହି ପିଲାଙ୍କ ପାଖରେ ପହଞ୍ଚିବାକୁ ବେସରକାରୀ ସଂସ୍ଥାମାନଙ୍କ ସହଯୋଗ ଖୁବ୍ ଫଳପ୍ରଦ ହେବ । ସଂଯୋଗ ପାଠ୍ୟକ୍ରମ, ପ୍ରତିକାରକ ପାଠ ଯୋଜନା, ଜାତୀୟ ମୁକ୍ତ ବିଦ୍ୟାଳୟ, 'ଚାଲ ସ୍କୁଲ୍‌କୁ ଫେରିବା' ଶିବିର ମାଧ୍ୟମରେ ଏହି ପାଠପଢୁନଥିବା ପିଲାମାନଙ୍କୁ ଶିକ୍ଷିତ କରାଇହେବ ।



ଟିପ୍ପଣୀ

### ୯.୨.୬ ଶ୍ରମଜୀବୀ ପିଲାମାନଙ୍କ ଶିକ୍ଷା

ଭାରତରେ ବାଳଶ୍ରମକୁ ନିଷିଦ୍ଧ କରାଯାଇଛି । ତେଣୁ ଯେଉଁ ବ୍ୟକ୍ତି ପିଲାମାନଙ୍କୁ ଘରର ବା ଅନ୍ୟ କୌଣସି କାମରେ ନିୟୋଜିତ କରାନ୍ତି, ଆଇନ୍ ଅନୁଯାୟୀ ସେମାନେ ଦଣ୍ଡନୀୟ । ତଥାପି କିଛି ପରିବାରର ଦାରିଦ୍ର୍ୟ ଏତେ ଉତ୍କଟ ଯେ, ପରିବାରର ଆୟ ବୃଦ୍ଧିପାଇଁ କାମ କରିବାକୁ ବାଧ୍ୟ ହୁଅନ୍ତି । ସ୍କୁଲ ଚାଲିଥିବା ସମୟରେ ସେମାନେ କାମ ଧନ୍ଦାରେ ବ୍ୟସ୍ତ ଥିବାରୁ ନିତିଦିନିଆ ବିଦ୍ୟାଳୟକୁ ଯାଇ ପାରନ୍ତି ନାହିଁ । ଏହାର ପ୍ରକୃତ ସମାଧାନ ହେଉଛି ସେମାନଙ୍କୁ କାମ ଛଡ଼େଇ ବିଦ୍ୟାଳୟରେ ଭର୍ତ୍ତି କରିବାକୁ ହେବ । ଏପରି କରିବାକୁ ହେଲେ ସେମାନଙ୍କର ବାପା-ମାଆଙ୍କ ଆର୍ଥିକ କ୍ଷତି ଭରଣା କରିବାକୁ ହେବ । ନଚେତ୍ ତାଙ୍କ ପରିବାର ଅଚଳ ହୋଇଯିବ । ଏଥିପାଇ ଏକ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ହେବ । ତାହା ହେଉଛି ଏମାନଙ୍କୁ ନୈଶ୍ୟ ବିଦ୍ୟାଳୟରେ ଭର୍ତ୍ତି କରିବା ।

ଆଜିକାଲି ସହରାଞ୍ଚଳରେ ଅନେକ ନୈଶ ବିଦ୍ୟାଳୟ କାମ କରୁଛି । ମହାନଗରୀ ମାନଙ୍କରେ ଏପରି ବିଦ୍ୟାଳୟ ମାନଙ୍କ ସଂଖ୍ୟା ଖୁବ୍ ବେଶୀ ଏବଂ ଏହି ପିଲାମାନଙ୍କ ପଞ୍ଜୀକରଣ ବି ଉଲ୍ଲେଖନୀୟ ଭାବେ ଅଧିକ । ଏହି ବିଦ୍ୟାଳୟ ମାନଙ୍କର ସମସ୍ୟା ହେଉଛି ଏଠି ନିୟମିତ ଦିନ-ସ୍କୁଲ ଗୁଡ଼ିକର ପାଠ୍ୟଖସଡା ଅନୁସାରେ ପାଠ ପଢ଼ା ହୁଏ । ନୈଶ୍ୟ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରମାନଙ୍କ ପାଖରେ ଖୁବ୍ ସୀମିତ ସମୟ ଥାଏ । ଦିନତମାମ କାମ କରି କରି ଏମାନେ କ୍ଳାନ୍ତ ହୋଇ ପଡ଼ିଥାନ୍ତି । ସୁତରାଂ ନୈଶ୍ୟ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଭିନ୍ନ ପ୍ରକାରର ପାଠ୍ୟକ୍ରମ ପ୍ରସ୍ତୁତ ଓ କାର୍ଯ୍ୟକାରୀ ହେବା ଜରୁରୀ । ଏମାନଙ୍କର କର୍ମ ଅଭିଜ୍ଞତା ଥିବାରୁ ଓ ଏମାନେ ସାଧାରଣ ବିଦ୍ୟାଳୟର ପିଲାମାନଙ୍କଠୁ ବେଶୀ ବୟସର ହୋଇଥିବା ହେତୁ ଏମାନଙ୍କୁ ଭିନ୍ନ ଢ଼ଙ୍ଗରେ ପଢ଼େଇବା ଉଚିତ । ପାଠର କିଛି ଅଂଶ ଗୃହକାର୍ଯ୍ୟ ହିସାବରେ ଦିଆଯିବ । ନିଜ କାମରେ ଥିଲାବେଳେ କିମ୍ବା ଅବସର ସମୟରେ ଦିଆଯାଇଥିବା ଗୃହକାର୍ଯ୍ୟ ଶେଷ କରିବେ । ବିଦ୍ୟାଳୟରେ ନିୟମିତ ପଢୁଥିବା ପିଲାଙ୍କ ପରି ଅନୁଭୂତି ଉପରେ ଆଧାରିତ ହୋଇନଥିବା ବିଷୟବସ୍ତୁକୁ ପଢ଼ିବା ପାଇଁ ସେମାନଙ୍କୁ ବାଧ୍ୟ କରାଯିବା ଅନୁଚିତ । ବରଂ ଦୈନନ୍ଦିନ କାର୍ଯ୍ୟ ସହାୟକ ଜୀବନ କୌଶଳ ଅର୍ଜନ କରିବା ନିମନ୍ତେ ପାଠ୍ୟକ୍ରମରେ ବ୍ୟବସ୍ଥା ରହିବା ଦରକାର । ତଥ୍ୟ ଭିତ୍ତିକ ବିଷୟବସ୍ତୁ ସାଧାରଣ ପାଠ୍ୟକ୍ରମ ଅପେକ୍ଷା କର୍ମକୁଶଳତା ଯୋଗାଉଥିବା ପାଠ୍ୟକ୍ରମ



ଟିପ୍ପଣୀ

ତାଲିକା ଏମାନଙ୍କ ପାଇଁ ବେଶୀ ଉପକାରୀ ହେବ । ଏହି ପ୍ରକାର ପାଠ୍ୟକ୍ରମ ସେମାନଙ୍କ କର୍ମ ଦକ୍ଷତା ବଢ଼ାଇବା ସହିତ ସେମାନଙ୍କୁ ରୋଜଗାର ବୃଦ୍ଧି କରିବାର ସୁଯୋଗ ମିଳିବ ।

### ୯.୨.୭ ସଂଖ୍ୟା ଲଘୁ ଗୋଷ୍ଠୀର ପିଲାମାନଙ୍କ ଶିକ୍ଷା

ଦେଖାଯାଇଛି ଯେ ଶିକ୍ଷା ସାଧାରଣତଃ ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ସାମାଜିକ ପ୍ରାଧାନ୍ୟ ଲାଭ କରିଥିବା ଜନସମୁଦାୟର ପିଲାଙ୍କ ଚାହିଦା ପୂରଣ ଅଭିମୁଖୀ । ପରିଣାମ ସ୍ୱରୂପ ସଂଖ୍ୟା ଲଘୁ ଗୋଷ୍ଠୀରୁ ଆସିଥିବା ପିଲାମାନେ ଏପରି ବାତାବରଣରେ ନିଜକୁ ଅଲଗା ଖାପ ଖୁଆଇ ପାରନ୍ତି ନାହିଁ । ସେମାନଙ୍କର ଏହି ଅମେଳ ଭାବର କାରଣ ହୋଇଥାଇ ପାରେ:-

୧. ସାଧାରଣ ପାଠ୍ୟ ପୁସ୍ତକ ଏବଂ ଶ୍ରେଣୀରେ ବ୍ୟବହୃତ ଭାଷା ସେମାନଙ୍କ ମାତୃଭାଷା ଠାରୁ ଭିନ୍ନ ହୋଇ ପାରିଥାଏ ।

୨. ପାଠ୍ୟ ପୁସ୍ତକର ବିଷୟବସ୍ତୁରେ ବର୍ଣ୍ଣିତ ତଥ୍ୟ ବା ଘଟଣା ତଥା ଶ୍ରେଣୀରେ ହେଉଥିବା ଆଳାପ ବା କଥୋପକଥନ ସହିତ ସେମାନେ ପରିଚିତ ନୁହଁନ୍ତି ।

୩. ସାଂସ୍କୃତିକ ପୃଷ୍ଠଭୂମିର ଭିନ୍ନତା ହେତୁ ପିଲାଭ୍କ ମନରେ ପୂର୍ବରୁ ଥିବା ଧାରଣା ଓ ବିଚାରଧାରା ବର୍ତ୍ତମାନ ପରିବେଶଠାରୁ ଅନେକାଂଶରେ ଭିନ୍ନ ହୋଇପାରେ ।

୪. ପ୍ରଚଳିତ ପାଠ୍ୟ ବିଷୟବସ୍ତୁ ସେମାନଙ୍କୁ ଅସଂଗତ ବା ବେଖାପ ମନେହୋଇପାରେ ।

## ୯.୩ ଶୈକ୍ଷିକ ସହାୟତା (Academic Support System)

ଶିକ୍ଷକ ସଶକ୍ତୀକରଣ ବିଦ୍ୟାଳୟ ଶିକ୍ଷାର ଏକ ମହତ୍ୱପୂର୍ଣ୍ଣ ଅଂଶ ଅଟେ । ବିଭିନ୍ନ ଉପାୟରେ ଜଣେ କାର୍ଯ୍ୟରତ ଶିକ୍ଷକଙ୍କ ସାମର୍ଥ୍ୟ ବୃଦ୍ଧି କରାଯାଇପାରେ- ବେତନ ବୃଦ୍ଧି ଦ୍ୱାରା, ବିଦ୍ୟାଳୟରେ ଉପଲବ୍ଧ ସୁବିଧା ଗୁଡ଼ିକ ବଢ଼ାଇ, ଶ୍ରେଣୀ କାର୍ଯ୍ୟ ସଂପାଦନରେ ସ୍ୱାଧିନତା ଦ୍ୱାରା ଶିକ୍ଷକଙ୍କ ସାମର୍ଥ୍ୟ ବୃଦ୍ଧି ପାଏ । ଏହି ପ୍ରସଙ୍ଗରେ ଯେଉଁ ଶିକ୍ଷକ ସଶକ୍ତିକରଣ କଥା କୁହାଯାଉଛି ତାହା ହେଉଛି ଶିକ୍ଷକଙ୍କ ଉପରେ ନ୍ୟସ୍ତ ବହୁବିଧ ଚାହିଦାକୁ ପୂରଣ କରିବାରେ ଶୈକ୍ଷିକ ସହାୟତା ବ୍ୟବସ୍ଥା ସାହାଯ୍ୟ କରିଥାଏ ।



ଟିପ୍ପଣୀ

କିଛି ଦେଶରେ କାର୍ଯ୍ୟରତ ଶିକ୍ଷକମାନଙ୍କ ସହାୟତା ପାଇଁ ''ଶିକ୍ଷକ ସହାୟତା ସେବା'' ଆରମ୍ଭ କରାଯାଇଅଛି । ଦୈନନ୍ଦିନ ଶିକ୍ଷଣରେ ସହାୟତା ପାଇଁ ଶିକ୍ଷକ ଏହି ସଂସ୍ଥାମାନଙ୍କୁ ଯୋଗାଯୋଗ କରିବା କଥା । ବିନା ମୂଲ୍ୟରେ ଅବିଳମ୍ବେ ଏ ପ୍ରକାର ସାହାଯ୍ୟ ଯୋଗାଇ ଦିଆ ଯାଏ । ଭାରତରେ ଆମର ଏପରି ବ୍ୟବସ୍ଥା ନାହିଁ । ତଥାପି ଆମ ଦେଶରେ ଶିକ୍ଷକ ସହାୟତା ପାଇଁ ଜିଲ୍ଲା ସ୍ତରରେ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ; ଗୋଷ୍ଠୀପୁଂଜ ଭିତ୍ତିରେ ଆଞ୍ଚଳିକ ସାଧନ କେନ୍ଦ୍ର, ବ୍ଲକ୍ ସ୍ତରରେ ଗୋଷ୍ଠୀ ସଂଯୋଜନ କେନ୍ଦ୍ରମାନ ରହିଛି । କାର୍ଯ୍ୟରତ ଶିକ୍ଷକମାନେ ଏହି କେନ୍ଦ୍ରମାନଙ୍କରେ ଅବସ୍ଥାପିତ ବିଷୟ ବିଶାରଦମାନଙ୍କ ସହିତ ପରାମର୍ଶ କରି ଆବଶ୍ୟକ ଜ୍ଞାନ ହାସଲ କରିପାରିବେ ।

ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ବେଶ୍ ପ୍ରଭାବିତ କରିଛି । ପ୍ରଯୁକ୍ତି ବିଦ୍ୟା ବଳରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଉଛି, ମାରାତ୍ମକ ବ୍ୟାଧି ନିୟନ୍ତ୍ରିତ ହେଉଛି, ବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ହୋଇପାରୁଛି, ପାରସ୍ପରିକ ଭାବ ବିନିମୟ ସମ୍ଭବ ହୋଇ ପାରୁଛି । ବିଦ୍ୟାଳୟ ସମାଜର ଏକ ଅଂଶ । ସୁତରାଂ ଏହା ପ୍ରଯୁକ୍ତି ବିଦ୍ୟାର ପ୍ରଭାବରୁ ନିଜକୁ ମୁକ୍ତ ରଖିପାରିବ ନାହିଁ । ବହୁପୂର୍ବରୁ ଶିକ୍ଷଣ କାର୍ଯ୍ୟରେ ପ୍ରୋଜେକ୍ଟର ବା ପ୍ରକ୍ଷେପକ ଓ ସେଥିରେ ବ୍ୟବହାର ପାଇଁ ସ୍ଲାଇଡ୍ (ସ୍ୱଚ୍ଛ ବା ପାରଗମ୍ୟ) ଚିତ୍ରର ବ୍ୟବହାର ହେଉଅଛି । ଏଇ କେତୋଟି ବର୍ଷଭିତରେ LCD ପ୍ରୋଜେକ୍ଟର ବ୍ୟବହାର ଶିକ୍ଷଣ କାର୍ଯ୍ୟକ୍ରମ ଭିତରକୁ ପଶି ଆସିଲାଣି । ପାଠ୍ୟ ବିଷୟକୁ ସୁଫଳ ଓ ସାକାର ଭାବରେ ପଢ଼ାଇବା ପାଇଁ ପ୍ରୋଜେକ୍ଟର ଓ କମ୍ପ୍ୟୁଟର ଶିକ୍ଷକଙ୍କ ସାମର୍ଥ୍ୟ ବଢ଼ାଇ ଦିଏ ।

ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥାନ (ISRO) ଶିକ୍ଷା କ୍ଷେତ୍ରରେ ଆମର ଆନ୍ତରିକ ଉଦ୍ୟମକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି । ଅକ୍ଟୋବର ୨୦୦୪ରେ 'ଏଡୁସାଟ୍' ନାମକ ଏକ ଉତ୍ସର୍ଗୀକୃତ ଉପଗ୍ରହ ଛଡ଼ାଯାଇଛି । ପୃଥିବୀ କକ୍ଷରେ ଅବସ୍ଥାପିତ ଏହି ଉପଗ୍ରହରେ ଦିନର ସବୁ ସମୟ ଏବଂ ବର୍ଷରେ ପ୍ରତିଦିନ ଶିକ୍ଷଣ କାର୍ଯ୍ୟକ୍ରମ ଉପଲବ୍ଧ ହେଉଅଛି । ଏହାଯୋଗୁଁ ଶିକ୍ଷକ ଓ ବିଷୟ ବିଶାରଦ ପରସ୍ପରର ନିକଟବର୍ତ୍ତୀ ହୋଇପାରୁଛନ୍ତି । ଏହି ଉପଗ୍ରହ ଜରିଆରେ ଭିଡ଼ିଓ କନ୍‌ଫରେନ୍‌ସିଂ (ଆଲୋଚନା ସଭା)ରେ ଜିଲ୍ଲା ତଥା ରାଜ୍ୟର 'କୋଣ ଅନୁକୋଣରୁ ଏକ ସମୟରେ ଅନେକ ଶିକ୍ଷକ ସେମାନଙ୍କ ବିଚାର ଧାରା ଓ ଅଭିଜ୍ଞତା ବିନିମୟ କରିପାରୁଛନ୍ତି ଏବଂ ବିଭିନ୍ନ ଜିଲ୍ଲା ଓ ରାଜ୍ୟରେ କାର୍ଯ୍ୟରତ ବୃତ୍ତି ସହଯୋଗୀଙ୍କ ପରାମର୍ଶ

ଟିପ୍ପଣୀ

ନେଇଥାନ୍ତି । ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ବିଶ୍ୱବାସୀଙ୍କୁ ନିକଟତର କରିଛି । ବିଶ୍ୱବାସୀ ସୂଚନା ସଂଯୋଜକ ବ୍ୟବସ୍ଥା (World Wide Web - WWW) ବ୍ୟବହାର କରୁଥିବା ଦୁଇ ବୃତ୍ତିଧାରୀ ବ୍ୟକ୍ତିଙ୍କ ମଧ୍ୟରେ ଦୃଢ ଯୋଗାଯୋଗ ସମ୍ଭବ ହୋଇପାରିଛି । ଦେଶର ଯେ କୌଣସି ସୁଦୂର କୋଣ ଅନୁକୋଣରେ ରହୁଥିବା ଶିକ୍ଷକ କାର୍ଯ୍ୟତଃ ବର୍ତ୍ତମାନ ପୃଥିବୀର ବିଭିନ୍ନ ଅଞ୍ଚଳରେ ବାସକରୁଥିବା ବୃତ୍ତିସହଯୋଗୀଙ୍କ ସହିତ ଭାବ ବିନିମୟର ସୁଯୋଗ ପାଇ ପାରୁଛନ୍ତି । ଅଧିକନ୍ତୁ ମୁକ୍ତ ଶିକ୍ଷା ଜ୍ଞାନ ଭଣ୍ଡାର (Open Educational Resource) ବ୍ୟବହାର କରୁଥିବା ଶିକ୍ଷକ ବା ଶିକ୍ଷିକାଙ୍କ ହାତପାଆନ୍ତାରେ ସକଳ ଶିକ୍ଷଣ କୌଶଳ ମହଜୁଦ ରହିଛି । ମୁକ୍ତ ଶିକ୍ଷା ଜ୍ଞାନ ସମ୍ପଦକୁ କମ୍ପ୍ୟୁଟରରୁ ଡାଉନ୍‌ଲୋଡ (ସାନ କମ୍ପ୍ୟୁଟରକୁ ବାହାରକରି) କରି ଶିକ୍ଷାଦାନ ପାଇଁ ବ୍ୟବହାର କରିହେବ । ଅଥଚ ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଭାରତରେ ଇଣ୍ଟରନେଟ୍‌ର ଦ୍ରୁତ ବିସ୍ତାର ଘଟୁଛି । ସୁତରାଂ ଆମେ ନିଶ୍ଚିତ ଯେ ସେ ସମୟ ଆଉ ବେଶି ଡେରି ନାହିଁ ଯେତେବେଳେ ଯେକୌଣସି ଗ୍ରାମ୍ୟ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ସାଧାରଣ ଶିକ୍ଷକ OERକୁ କମ୍ପ୍ୟୁଟରରୁ ବ୍ୟବହାର କରି ସ୍ୱଚ୍ଛନ୍ଦ ଭାବେ ଶିକ୍ଷଣ ପ୍ରକ୍ରିୟାରେ ପ୍ରୟୋଗ କରିପାରିବ ।

### ବିଦ୍ୟାଳୟ ପାଇଁ ମୁକ୍ତ ଶିକ୍ଷା ଜ୍ଞାନସମ୍ବଳ(OER) ର ଏକ ପ୍ରକଳ୍ପ

ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ପ୍ରତିଷ୍ଠାନ ଦ୍ୱାରା ପ୍ରବର୍ତ୍ତିତ ଓ ପରିଚାଳିତ ହୋମିଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର (HBCSE) ଗଣିତ ଓ ବିଜ୍ଞାନ ଶିକ୍ଷା ପାଇଁ ଏକ ଜାତୀୟ ଅନୁଷ୍ଠାନ । ଏହି ଅନୁଷ୍ଠାନ ନିକଟ ଅତୀତରେ ନିଃଶୁଳ୍କ ଜ୍ଞାନ ସମ୍ପଦ ଭଣ୍ଡାର ବିକାଶ ପାଇଁ ଏକ ଉଦ୍ୟୋଗ (www.knowledge.org) ଆରମ୍ଭ କରିଛନ୍ତି । ଏହି ଉଦ୍ୟୋଗର ପରବର୍ତ୍ତୀ ପଦକ୍ଷେପ ହେଉଛି ଜ୍ଞାନ ସମ୍ପଦ ଭଣ୍ଡାର ଖୋଲିବା । ଏହି ଜ୍ଞାନ ସଂଗଠନ ଆମ ଦେଶର ସୁଦୂର ଛୋଟ ଛୋଟ ଗାଁ'ମାନଙ୍କରେ ପଢୁଥିବା ପିଲାଙ୍କୁ ଉତ୍କର୍ଷମାନର ଶିକ୍ଷା ପ୍ରଦାନ ପାଇଁ ବ୍ୟବହାର କରାଯାଇପାରିବ । ମହାରାଷ୍ଟ୍ର ସରକାରଙ୍କ ରାଜୀବ ଗାନ୍ଧି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କମିଶନ ଏହି ପ୍ରକଳ୍ପ ପାଇଁ ଅର୍ଥ ଯୋଗାଇଥାନ୍ତି । ଏହାର କାର୍ଯ୍ୟାନ୍ୱୟନ ହୋମୀଭାଭା ବିଜ୍ଞାନ ଶିକ୍ଷା କେନ୍ଦ୍ର (Homi Bhabha Centre for Science Education - HSBCSE), ମହାରାଷ୍ଟ୍ର ଜ୍ଞାନ ନିଗମ ଲିମିଟେଡ୍ (MKCL) ତଥା ଭାରତୀୟ ବ୍ୟବସାୟିକ ଅନୁଷ୍ଠାନଙ୍କ ଶିକ୍ଷା ରୂପାନ୍ତରୀକରଣ



ଟିପ୍ପଣୀ

ସଂସ୍ଥାଙ୍କ ମିଳିତ ଆନୁଭୂଲ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ । ଏହି ପ୍ରକଳ୍ପର ଲକ୍ଷ ହେଉଛି ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଭିତ୍ତିକ ବିଜ୍ଞାନ ଓ ଗଣିତ ଉପରେ ଉପଯୋଗୀ ଜ୍ଞାନ ଭଣ୍ଡାର ସୃଷ୍ଟି ଓ ବିକଶିତ କରିବା ଏବଂ MKCL ୱେବ୍‌ସାଇଟ୍‌ରେ ଏହାକୁ ଉପଲବ୍ଧ କରାଇବା । ବିଗତ ଦଶନ୍ଧି ଧରି MKCL Website ସୁବିସ୍ତୃତ ଶ୍ରେଣୀ ଗୃହମାନଙ୍କର ବିକାଶ ସାଧନ କରି ପାରିଛି ଯାହାଦ୍ୱାରା ଏହି ଶ୍ରେଣୀଗୁଡ଼ିକ ବିନା ସମସ୍ୟାରେ ଅଂଶୀଦାରମାନଙ୍କ ୱେବ୍‌ସାଇଟ୍‌କୁ ତଥ୍ୟ ଯୋଗାଇ ଦିଆଯାଇ ପାରିଛି । ଛାତ୍ରଛାତ୍ରୀ, ଶିକ୍ଷକ ଓ ପିତାମାତାଙ୍କୁ ବିଦ୍ୟାଳୟ ଶିକ୍ଷାର ତିନି ଅଂଶୀଦାର ଭାବେ ଚିହ୍ନଟ କରାଯାଇଛି । ଭାରତରେ ଏହି ତିନିଅଂଶୀଦାରଙ୍କ ଚାହିଦା ପୂରଣ ପାଇଁ ବିଭିନ୍ନ ଆଞ୍ଚଳିକ ଭାଷାରେ ସ୍ୱତନ୍ତ୍ର ଉପକରଣ ପ୍ରସ୍ତୁତ କରାଯାଇଛି । ଏହି ଉପକରଣ ପ୍ରସ୍ତୁତି ପାଇଁ ବିଶେଷ କର୍ମଶାଳାମାନଙ୍କର ଆୟୋଜନ କରାଯାଏ । ଶିକ୍ଷା ବିଶାରଦ ମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥାନ୍ତି । ଅଭିଜ୍ଞ ଶିକ୍ଷକ, ଉତ୍ସାହୀ ମାତା-ପିତା, ବିଷୟ ବିଶାରଦ ଓ ଗବେଷକମାନଙ୍କ ମଧ୍ୟରୁ ଏହି ତଜ୍‌ବିଜ୍ ମାନଙ୍କୁ ଚୟନ କରାଯାଏ । ପ୍ରସ୍ତୁତ ହୋଇଥିବା ଶିକ୍ଷଣ ତଥ୍ୟ ବା ସାମଗ୍ରୀକୁ MKCL ପ୍ରସ୍ତୁତ ୱେବ୍‌ସାଇଟ୍ (www.mkcl.org/mzhzdnyzn)କୁ ପ୍ରେରଣ କରାଯାଏ (ଛଡ଼ାଯାଏ) । ଯେ କେହି ଏହି ତଥ୍ୟକୁ ଡାଉନ୍‌ଲୋଡ୍ କରି ବ୍ୟବହାର କରିପାରିବ । କ୍ଷେତ୍ରୀୟ ପ୍ରୟୋଗର ପରୀକ୍ଷା ନିରୀକ୍ଷା ଓ ବ୍ୟବହାରକାରୀଙ୍କ ମତାମତକୁ ନେଇ ଉପଯୋଗୀ ପରିବର୍ତ୍ତନ କଲାପରେ ଏହାକୁ ଅନ୍ୟାନ୍ୟ ଭାଷାରେ କାର୍ଯ୍ୟ କରୁଥିବା ବିଦ୍ୟାଳୟ ମୁକ୍ତ ଶିକ୍ଷା ଜ୍ଞାନଭଣ୍ଡାର (OER) କାର୍ଯ୍ୟକ୍ରମ ପାଇଁ ଉପଲବ୍ଧ କରାଇବାର ପ୍ରସ୍ତାବ ରହିଛି ।

## ୯.୪ ଅନ୍ତର୍ନିବେଶୀ ଶିକ୍ଷା (Inclusive Education) :

ଅନ୍ତର୍ନିବେଶୀ ଶିକ୍ଷା ହେଉଛି ଏକ କାର୍ଯ୍ୟଧାରା ନାନା ବିଭିନ୍ନତାରେ ପରିପୂର୍ଣ୍ଣ ବହୁ ସଂଖ୍ୟକ ପିଲା ଓ ତାଙ୍କ ପିତାମାତାଙ୍କୁ ଶିକ୍ଷିତ କରାଏ । ଏମାନଙ୍କୁ ଶିକ୍ଷାଦାନ କରିବାକୁ ହେଲେ ବିଦ୍ୟାଳୟ ଢ଼ାଞ୍ଚା ଓ ଶିକ୍ଷା କାର୍ଯ୍ୟକ୍ରମର ଆବଶ୍ୟକୀୟ ପରିବର୍ତ୍ତନ ଓ ନୂତନ ବ୍ୟବସ୍ଥା ଗ୍ରହଣ କରିବାକୁ ହୁଏ । ପ୍ରକାରାନ୍ତରେ କହିବାକୁ ଗଲେ ଅନ୍ତର୍ନିବେଶୀ ଶିକ୍ଷା ହେଉଛି ପିଲାର ଶିକ୍ଷର ରୀତିକୁ ଚିହ୍ନଟ କରି, ତଦନୁଯାୟୀ ଶ୍ରେଣୀ ତଥା ଶିକ୍ଷାଦାନ ପଦ୍ଧତିର ଆବଶ୍ୟକୀୟ ପରିବର୍ତ୍ତନ ପୂର୍ବକ ଶ୍ରେଣୀର ସବୁପିଲାଙ୍କ ଉଚ୍ଚମାନର ଶିକ୍ଷାକୁ ସୁନିଶ୍ଚିତ କରିବାକୁ ହେବ । ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ତା'ର



ଟିପ୍ପଣୀ

ଅବଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ, ଅଦ୍ୱିତୀୟ ଏବଂ ମୂଲ୍ୟବାନ୍ । କୌଣସି ବି ପିଲା ଏଥିରୁ ବାଦ୍ ପଡ଼ିବେ ନାହିଁ ।

ଅନ୍ତର୍ନିବେଶୀ ଶିକ୍ଷା ଏକ ଶିକ୍ଷଣ ପନ୍ଥା ଓ ଦର୍ଶନ ଯାହା ଶୈକ୍ଷିକ ତଥା ସାମାଜିକ ସଫଳତା ପାଇଁ ସମସ୍ତ ଛାତ୍ରଙ୍କୁ ଗୋଷ୍ଠୀ ସଦସ୍ୟତା ଓ ବିଶେଷ ସୁଯୋଗ ସୁବିଧା ଯୋଗାଇଥାଏ । ସମୂହ ସମାବେଶ ପ୍ରକ୍ରିୟା ଏକଥା ନିଶ୍ଚିତ କରିଥାଏ ଯେ ପ୍ରତ୍ୟେକ ଛାତ୍ର ଏହି ପ୍ରକ୍ରିୟାରେ ନିଜକୁ ସ୍ୱାଗତ ମଣେ । ଏହିପରି ଅନୁଭୂତି ହୁଏ ଯେ ସେମାନଙ୍କ ବିଶେଷ ଆବଶ୍ୟକତା ଏବଂ ପାଠପଢ଼ା ଶୈଳୀ ପ୍ରତି ଧ୍ୟାନ ଦିଆଯାଉଛି, ଗୁରୁତ୍ୱପୂର୍ଣ୍ଣ ମନେ କରାହେଉଛି ।

ଅନ୍ତର୍ନିବେଶୀ ବିଦ୍ୟାଳୟ ସମୂହ ଆମେରିକାର ପ୍ରତିଷ୍ଠିତ ମୂଲ୍ୟବୋଧ (ବିଭିନ୍ନତା, ସହନଶୀଳତା ଓ ସମାନତା) କୁ କାର୍ଯ୍ୟରେ ରୂପାନ୍ତରିତ କରିଥାନ୍ତି । ବିଚ୍ଛେଦ ଜନିତ ନିନ୍ଦା ବା ଅପବାଦକୁ ଅଣଦେଖା କରି, ସବୁ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତି ଭିତ୍ତିକ ଉପଯୁକ୍ତ ସେବା ଓ ସହାୟତା ଯୋଗାଇ ଦେବାପାଇଁ ଏହି ବିଦ୍ୟାଳୟର ଶିକ୍ଷକମାନଙ୍କୁ କୁହାଯାଇଥାଏ । ଗବେଷଣାରୁ ଜଣା ପଡିଛି ଯେ ସାଧାରଣ ପାଠ୍ୟକ୍ରମର ଉତ୍କର୍ଷତା, ଉପଯୁକ୍ତ ସାଧନ କୌଶଳ ତଥା ଅନୁକୂଳ ଆନୁସଂଗିକ ବିଧି ବ୍ୟବସ୍ଥା ଓ ବାତାବରଣ ସଂସର୍ଗରେ ଆସିଲେ ଛାତ୍ରଛାତ୍ରୀମାନେ ଅପେକ୍ଷାକୃତ ଭାବେ ଭଲ ପଢ଼ନ୍ତି ଓ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥା'ନ୍ତି ।

ଅନ୍ତର୍ନିବେଶୀ ଶିକ୍ଷା କଦାପି ନିମ୍ନମାନର ବିଦ୍ୟାଳୟ ପାଠ୍ୟକ୍ରମ କିମ୍ବା ଶିକ୍ଷା ସମ୍ଭାବନା ଚାହେଁନାହିଁ । ବରଂ ସମର୍ଥ ଓ ଅସମର୍ଥ ଉଭୟ ଶ୍ରେଣୀର ଛାତ୍ରମାନଙ୍କ ଶିକ୍ଷାର ଅଭିବୃଦ୍ଧି ଘଟାଇ ଥାଏ । ପିଲାମାନେ ଶିଖନ୍ତି, ଶିଖିଥିବା ଜ୍ଞାନକୌଶଳକୁ ଭିନ୍ନ ଭିନ୍ନ ଭାବେ ପ୍ରୟୋଗ କରନ୍ତି । ଲକ୍ଷ୍ୟ ହେଉଛି – ଛାତ୍ର ବା ଛାତ୍ରୀ ହିସାବରେ ସଫଳତା ହାସଲ କରିବା ପାଇଁ ସେମାନଙ୍କୁ ଶିକ୍ଷାଦାନ କରିବା । ଫଳରେ ସେମାନେ ପଡ଼ୋଶୀ ତଥା ବନ୍ଧୁମାନଙ୍କ ସହିତ ସମକକ୍ଷ ହୋଇ ପାରିବେ, ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ଖ୍ୟାତି ଅର୍ଜନ କରିପାରିବେ ।

**ଅନ୍ତର୍ନିବେଶୀ ଶିକ୍ଷା ଆମ ବିଦ୍ୟାଳୟରେ ପ୍ରଚଳିତ କାର୍ଯ୍ୟଧାରା ହେବା ଉଚିତ ନୁହେଁ କି ?**

ବହୁବର୍ଷ ତଳେ ବିଶେଷ ସହାୟତା ଆବଶ୍ୟକ କରୁଥିବା ପିଲା ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଗଲା । ସ୍ୱତନ୍ତ୍ର ଶିକ୍ଷକମାନେ ଅନୁଭବ କଲେ ଯେ ସେମାନେ ଯଦି ଏହି ପିଲାମାନଙ୍କୁ



ଟିପ୍ପଣୀ

ସାନ ସାନ ଦଳରେ ବିଭକ୍ତ କରି ପଢ଼ାନ୍ତେ, ସେମାନଙ୍କୁ ପାଠରେ ଆଗୁଆ କରିହୁଅନ୍ତା । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଗଲା ଯେ ଏମାନେ ବରଂ ପାଠରେ ଆହୁରି ପଛରେ ପଡ଼ିଗଲେ । କାଳକ୍ରମେ ଜଣା ପଡ଼ିଲା ଯେ ଅନ୍ତର୍ନିବେଶୀ ଶିକ୍ଷା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବାରେ ଅଧିକ ଉତ୍କୃଷ୍ଟ ଉପାୟ ।

**ଅନ୍ତର୍ନିବେଶୀ ଶିକ୍ଷାର ପ୍ରଚଳନ ପାଇଁ ଆମ ବିଦ୍ୟାଳୟକୁ କିପରି ପରିବର୍ତ୍ତନ କରିହେବ ?**

କୁଶଳୀ ଶିକ୍ଷକ, ପରିବାର ଓ ସମାଜର ମୁଖିଆମାନଙ୍କ ଆଲୋଚନାରୁ ଜଣାପଡ଼େଯେ ସବୁପିଲାଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ହେଲେ ବିଦ୍ୟାଳୟ ସ୍ତରୀୟ ପରିବର୍ତ୍ତନ ଅତି ଜରୁରୀ । ବିଂଶ ଶତାବ୍ଦୀର ଶିକ୍ଷା ବ୍ୟବସ୍ଥା ସଂକୀର୍ଣ୍ଣ ସାଂସ୍କୃତିକ ସଂଭାବନା ଦ୍ୱାରା ନିୟନ୍ତ୍ରିତ । କିନ୍ତୁ ଆମକୁ ଏପରି ଏକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ ଯାହା ବହୁବିଧ ସଂସ୍କୃତିର ତଥା ରାଷ୍ଟ୍ରୀୟ ବିବିଧତାର ମୂଲ୍ୟବୋଧ ପ୍ରତିଫଳିତ ହେବ । ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଏହାର ଜ୍ୱଳନ୍ତ ନିଦର୍ଶନ । ଏହି ନମୂନା ଅନୁକରଣ କରିବାକୁ ହେଲେ ଆମ ବିଦ୍ୟାଳୟ ସଂଗଠନ ପରିଚାଳନା ଓ ପ୍ରଶାସନ, ପାଠ୍ୟଖସଡା, ପାଠ୍ୟପୁସ୍ତକ, ଶିକ୍ଷଣ ସାମଗ୍ରୀ, ଶିକ୍ଷାଦାନ, ମୂଲ୍ୟାୟନ ଆଦି କ୍ଷେତ୍ରରେ ଆବଶ୍ୟକୀୟ ପରିବର୍ତ୍ତନ ଜରୁରୀ ।

### ୯.୪.୧ ଆନ୍ତର୍ଜାତିକ ଦୃଶ୍ୟପଟ :

ଅନ୍ତର୍ନିବେଶୀ ଶିକ୍ଷା ବର୍ତ୍ତମାନ ଗୁରୁତ୍ୱ ଲାଭ କରିଛି । ତଥାପି ଶିକ୍ଷା ଇତିହାସର ଆନ୍ତର୍ଜାତିକ ଦୃଶ୍ୟପଟରେ ଅନ୍ତର୍ନିବେଶୀ ଶିକ୍ଷାର ସନ୍ଧାନ ମିଳି ପାରିବ । ଯଦିଓ ଆଜି ଅନ୍ତର୍ନିବେଶୀ ଅଭିଯାନ ଏକ ଅନ୍ତର୍ରାଷ୍ଟ୍ରୀୟ ଘଟଣା ଅଟେ, ଏହାର ଉତ୍ପତ୍ତି ଅପେକ୍ଷାକୃତ ଧନୀ ଏବଂ ବିକଶିତ ଦେଶଗୁଡ଼ିକରେ ହୋଇଅଛି । ଏହି ଦେଶଗୁଡ଼ିକ ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟକୁ ନିୟମିତ ବିଦ୍ୟାଳୟରେ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ପରିବର୍ତ୍ତନ ସେହି ବ୍ୟାପକ ଆନ୍ଦୋଳନର ଏକ ବ୍ୟାପକ ଅଂଶ ଥିଲା ଯେଉଁଥିରେ ଶାରୀରିକ ତଥା ମାନସିକ ଭିନ୍ନକ୍ଷମଙ୍କୁ ଆଉ ଅସାମର୍ଥ୍ୟ ଭାବେ ପରିଗଣିତ ହେଲା ନାହିଁ । ଏହି ଭିନ୍ନକ୍ଷମତାକୁ ସମାଜର ମୁଖ୍ୟ ଧାରାଠାରୁ ଅଲଗା ପରିଗଣିତ କରାଗଲାନାହିଁ । ଫଳରେ ଐକ୍ୟ ଓ ପୂର୍ଣ୍ଣାଙ୍ଗତାର ଏବଂ ଐତିହାସିକ ଯୁଗର ଅୟମାରମ୍ଭ ଘଟିଲା । ସମସ୍ତ ଶ୍ରେଣୀରେ ଅନ୍ତର୍ନିବେଶୀ ଶିକ୍ଷା କ୍ରାନ୍ତିକାରୀ ପ୍ରବର୍ତ୍ତନ ଏହି ଅଭିଯାନର ଏକ ପ୍ରବାହ ।



ଟିପ୍ପଣୀ

ଅନେକ ଆନ୍ତର୍ଜାତିକ ଘୋଷଣାନାମାରେ ଶିଶୁ ଶିକ୍ଷା ଅଧିକାର ସ୍ଥାନିତ ହୋଇଛି । ମିଳିତ ଜାତିସଂଘ ସନନ୍ଦ ଗତ (୧୯୪୨) ହେଉଛି ସର୍ବପ୍ରଥମ ଆନ୍ତର୍ଜାତିକ ଘୋଷଣା ଯାହା ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକ ବିଧିବଦ୍ଧ ଭାବେ ପ୍ରଚାର କରିଥିଲେ । ସାର୍ବଜନୀନ ମାନବିକ ଅଧିକାର ଘୋଷଣା (୧୯୪୮) ଶିକ୍ଷା ଅଧିକାର ପୁନରାବୃତ୍ତି କରିଥିଲେ । ମିଳିତ ଜାତିସଂଘରେ ଶିଶୁ ଅଧିକାର ଘୋଷଣାନାମା (୧୯୫୯)ରେ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ଅଧିକାର ମହତ୍ତ୍ୱକୁ ଆହୁରି ବଢ଼େଇ ଦେଲେ । ଏହି ଘୋଷଣା ଶିଶୁର ଶିକ୍ଷାଦାୟିତ୍ୱ ତା' ପିତା-ମାତାଙ୍କ ଉପରେ ନ୍ୟସ୍ତ କରିଥାଏ । ପରବର୍ତ୍ତୀ ସମୟରେ ସମାନ ଶିକ୍ଷା ଅଧିକାରକୁ ନାଗରିକଙ୍କ (Civil) ଓ ରାଜନୈତିକ ଅଧିକାର ଉପରେ ଆନ୍ତର୍ଜାତିକ ସମ୍ମିଳନୀ (Convention) (ୟୁ.ଏନ୍. ୧୯୬୬) ରେ ସ୍ଥାନ ପାଇଲା । ଶିଶୁ ଅଧିକାର ଉପରେ ୧୯୯୨ ମସିହାରେ ଅନୁଷ୍ଠିତ ଆନ୍ତର୍ଜାତିକ ସମ୍ମିଳନୀରେ ୧୦୩ଟି ଦେଶର 'ସମସ୍ତଙ୍କ ପାଇଁ ଶିକ୍ଷା' ଉପରେ ବିଧିବଦ୍ଧ ସହମତି ପ୍ରକାଶ କରିନ୍ତି । ଆହୁରି ମଧ ଏହି ଘୋଷଣାପତ୍ର ଶିଶୁ ଶିକ୍ଷା ଅଧିକାର ଉପରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରିଛି ଯେ ଏହି ଅଧିକାର ସମାନ ସୁବିଧା ସୁଯୋଗ ପ୍ରଦାନ ଉପରେ ଆଧାରିତ । ଶିଶୁର ବ୍ୟକ୍ତିତ୍ୱ, ପ୍ରତିଭା, ମାନସିକ ଦକ୍ଷତା, ଶାରୀରିକ ସାମର୍ଥ୍ୟର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏକ ରାଜିନାମାରେ ନିର୍ଦ୍ଦେଶ ଦିଆଯାଇଛି । ଆନ୍ତର୍ଜାତିକ ଚିନ୍ତାଧାରା ସହିତ ଭାରତ ସରକାର ସହମତି ପ୍ରଦର୍ଶନ କରିଛନ୍ତି । ତଦନୁଯାୟୀ ଆମ ପାର୍ଲିଆମେଣ୍ଟ ଶିକ୍ଷା ଅଧିକାର ବିଲ୍ ପୂର୍ଣ୍ଣ ସ୍ୱୀକୃତି ଲାଭ କରିଛି ।

UNESCO ଙ୍କ ଆନୁକୂଲ୍ୟରେ ଆଗତ ସଲମାନକା ଘୋଷଣା (୧୯୯୪) ଅନୁସାରେ : ''ଏହି କର୍ମଯୋଜନାର ମାର୍ଗଦର୍ଶୀ ନୀତି ହେଲା - ପିଲାମାନଙ୍କ ଦୈହିକ, ବୌଦ୍ଧିକ, ସାମାଜିକ, ଭାବାବେଗ, ଭାଷାଗତ ଓ ଅନ୍ୟାନ୍ୟ ବିଷୟର ସ୍ଥିତି ଯାହା ହେଉନା କାହିଁକି ବିଦ୍ୟାଳୟରେ ସମସ୍ତଙ୍କୁ ଶିକ୍ଷା ଦାନ ପାଇଁ ଗ୍ରହଣ କରାଯିବ । ଏହି ପିଲାଙ୍କ ମଧରେ ଭିନ୍ନକ୍ଷମ ଓ ପ୍ରତିଭାବାନ ଶିଶୁ, ଗଳିକନ୍ଦିର ବାରବୁଲା ଓ ଶ୍ରମଜୀବି ପିଲା, ଅପହଞ୍ଚ ଇଲାକା ଓ ଯାଯାବର ଜାତିର ପିଲା, ସଂଖ୍ୟାଲଘୁଜାତି ଓ ସଂସ୍କୃତିର ପିଲା, ପ୍ରତିକୂଳ ପରିସ୍ଥିତିରେ ଥିବା ବା ସଂଖ୍ୟାଲଘୁ ଗୋଷ୍ଠୀର ପିଲା ଥାଇପାରନ୍ତି'' ଆମେ ଏହି ଅଧ୍ୟାୟରେ ଉଲ୍ଲେଖ କରିଥିବା ସବୁ ଶ୍ରେଣୀ ଓ ସମ୍ପ୍ରଦାୟର ପିଲା ଉପରୋକ୍ତ ମାନବବାଦୀ ଅଭିମତର ପରିସର ଭୁକ୍ତ । ଏହା ସ୍ମରଣ ରଖିବାକୁ ହେବ ଯେ

ଟିପ୍ପଣୀ

ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ ହେଲେ ଉପର୍ଯ୍ୟୁକ୍ତ ଅନେକ ସମସ୍ୟା ଅନାୟାସରେ ସମାଧାନ ହୋଇପାରିବ ।

### ୯.୪.୨ ଅନ୍ତର୍ନିବେଶୀ ଶିକ୍ଷାର ସୁଫଳ :

ଅନ୍ତର୍ନିବେଶୀ ଶିକ୍ଷାର ବିକଶିତ ରାଷ୍ଟ୍ରମାନଙ୍କ ଅପେକ୍ଷା ବିକାଶୋନ୍ମୁଖୀ ଦେଶମାନଙ୍କ ପାଇଁ ବେଶୀ ଆବଶ୍ୟକ । ଅନ୍ତର୍ନିବେଶୀ ଶିକ୍ଷାର ସାଧନ ନିମ୍ନ ପ୍ରଦତ୍ତ ସୁଫଳ ପ୍ରଦାନ କରିବ ।

- **ସମ୍ବଳର ସଫଳ ପ୍ରୟୋଗ :** ଶିକ୍ଷା ହେଉଛି ଜ୍ଞାନ ସାଧନର ଏକ ସାହାସିକ ପରିକଳ୍ପନା ଯାହା ସୀମିତ ସମୟରେ ବହୁବିଧ ପର୍ଯ୍ୟାପ୍ତ କାର୍ଯ୍ୟ ସାଧନ କରିଥାଏ । ଏହି କ୍ଷେତ୍ରରେ ଦେଶର ମୌଳିକ ଆବଶ୍ୟକତା ଭିତ୍ତିକ ସ୍ୱାସ୍ଥ୍ୟସେବା ନିର୍ମାଣ ପରିବହନ, ଜଳ ଯୋଗାଣ ଓ ବିଜୁଳି ଆଦି ଉଦ୍ୟୋଗ ସହିତ ସମକକ୍ଷ ହେବାକୁ ପଡ଼ିବ । ସୁତରାଂ ବିକାଶୋନ୍ମୁଖୀରାଷ୍ଟ୍ରରେ ଶିକ୍ଷା କ୍ଷେତ୍ରରେ ସର୍ବଦା ସାଧନ ସମ୍ବଳର ଅଭାବ ପରିଲକ୍ଷିତ ହୁଏ । ଏହି ଦେଶମାନଙ୍କରେ ବିଭିନ୍ନ ଗୋଷ୍ଠୀର ପିଲାମାନଙ୍କ ପାଇଁ ପୃଥକ୍ ଭାବେ ବିଦ୍ୟାଳୟ ସ୍ଥାପନ କରିବା ସମ୍ଭବ ହୁଏ ନାହିଁ । ତା' ପରିବର୍ତ୍ତେ ସବୁ ପ୍ରକାର ପିଲାମାନଙ୍କ ପାଇଁ ସୀମିତ ସମ୍ବଳ ବ୍ୟବହାର ହୁଏତ ସମସ୍ୟାର ଉଚିତ ସମାଧାନ ।

- **ଖର୍ଚ୍ଚ ପରିପ୍ରେକ୍ଷୀର ଲାଭପ୍ରଦତା :** ଅନ୍ତର୍ନିବେଶୀ ଶିକ୍ଷା ବ୍ୟୟ ବହୁଳ ନୁହେଁ ପରନ୍ତୁ ଲାଭପ୍ରଦ ଅଟେ । ଏହି ଶିକ୍ଷଣ ପ୍ରକ୍ରିୟାରେ ଉଭୟ ଅସମର୍ଥ ଓ ସମର୍ଥ ପିଲାଙ୍କ ପାଇଁ ଥାଏ ପ୍ରଚୁର ପ୍ରତିଶ୍ରୁତି । ଅନେକଙ୍କ ମଧ୍ୟରେ ପ୍ରତ୍ୟେକଙ୍କ ବ୍ୟକ୍ତିଗତ ବୈଷମ୍ୟଗତ ଯତ୍ନବାନ୍ ହୋଇ ଏହା ଉନ୍ନତ ମାନର ଶିକ୍ଷା ସଫଳତା ହାସଲ କରିଥାଏ । ପୁନଶ୍ଚ ଏହି ଶିକ୍ଷାକାର୍ଯ୍ୟକ୍ରମ ତଥାକଥିତ ଶ୍ରେଣୀବାଦ କୁ ବିରୋଧ କରି ସଂହତି ପ୍ରତିଷ୍ଠା ଦିଗରେ ସହାୟକ ହେଉଛି ।

- **ବିକେନ୍ଦ୍ରୀକରଣ :** ଅନ୍ତର୍ନିବେଶୀ ଶିକ୍ଷା ରୂପାୟନ ବିକେନ୍ଦ୍ରୀକରଣକୁ ପ୍ରୋତ୍ସାହନ ଦିଏ । ଏହା ପ୍ରମାଣିତ ଯେ ବିକେନ୍ଦ୍ରୀକରଣ କେନ୍ଦ୍ରୀୟ ଓ ପ୍ରଶାସନିକ ବ୍ୟୟ ହ୍ରାସ କରିବାରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସହାୟକ ହୁଏ । ଅଧିକାଂଶ କ୍ଷେତ୍ରରେ ସ୍ଥାନୀୟ ବାସିନ୍ଦାଙ୍କ ଚାହିଦା ମେଣ୍ଟାଇବାରେ ଖୁବ୍ ସହାୟକ ହେଉଥି ସ୍ଥାନୀୟ ଆଧାରରେ ନିଷ୍ପତ୍ତି

ଟିପ୍ପଣୀ

ନେବାପାଇଁ ଏହା ପ୍ରୋତ୍ସାହନ ଦେଇଥାଏ । ନିଷ୍ପତ୍ତି ନେବାରେ ସ୍ଥାନୀୟ ସାମାଜିକ ଗୋଷ୍ଠୀ ନିଜ ମତାମତ ବି ଦେଇପାରନ୍ତି । ସଂକ୍ଷେପରେ କହିଲେ, ବିକେନ୍ଦ୍ରୀକରଣ ବ୍ୟବସ୍ଥା ଏକ ଅମଲାତନ୍ତକୈନ୍ଦ୍ରିକ ନିଷ୍ପତି ଅପେକ୍ଷା ଉପଭୋକ୍ତା ବା ଭାଗୀଦାର ପ୍ରାୟୋଜିତ ଶିକ୍ଷାନୀତି ।

### ୯.୪.୩ ଅନ୍ତର୍ନିବେଶୀ ବିଦ୍ୟାଳୟର ଓ ଶ୍ରେଣୀର ସ୍ୱରୂପ :

ଏକ ଅନ୍ତର୍ନିବେଶୀ ବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ହେଉଛି ଏକ ଅନ୍ତର୍ନିବେଶୀ ସମାଜର କ୍ରମବିକାଶ ଯେଉଁଠି ପ୍ରତ୍ୟେକ ନିଜ ଅନ୍ତର୍ନିହିତ ଶକ୍ତିକୁ ପୂର୍ଣ୍ଣଭାବରେ ବିକାଶ କରିବାର ସୁଯୋଗ ପାଇଥାନ୍ତି । ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ବିଦ୍ୟାର୍ଥୀମାନଙ୍କ ଭିତରେ ଥିବା ବିଭିନ୍ନତାକୁ ଯଥା ଗୁରୁତ୍ୱ ପ୍ରଦାନ ଏବଂ ପ୍ରତ୍ୟେକଙ୍କ ଅଧିକାର ହାସଲ ପାଇଁ ବ୍ୟବସ୍ଥା କରିବା ଏକାନ୍ତ ଜରୁରୀ । ସମସ୍ତଙ୍କ ପାଇଁ ସୁବିଧା ପ୍ରବେଶ ହେଉଛି ଅନ୍ତର୍ନିବେଶୀ ବିଦ୍ୟାଳୟର ମୂଳତତ୍ତ୍ୱ । ବିଦ୍ୟାଳୟର ମନୋବୈଜ୍ଞାନିକ ପରିବେଶ, ଭୌତିକ ବାତାବରଣ ଏବଂ ଅଧ୍ୟୟନ ତଥା ଅଧ୍ୟାପନା ଶୈଳୀ ସହିତ ଏହା ଏତ ସ୍ରୋତ ଭାବେ ଜଡ଼ିତ । ବିଦ୍ୟାଳୟର ଏହି ସମସ୍ତ ବିଭାଗ ବିଦ୍ୟାର୍ଥୀମାନଙ୍କ ବହୁବିଧ ସାମର୍ଥ୍ୟ ଓ ସାମାଜିକ ପୃଷ୍ଠଭୂମିର ଅନୁକୂଳ ବା ସହାୟକ ହେବା ବିଧେୟ । ସଂକ୍ଷେପରେ କହିଲେ ବିଦ୍ୟାଳୟରେ ଏକ ସମଷ୍ଟିଗତ ଶିକ୍ଷାର ଅନୁକୂଳ ବାତାବରଣ ରହିବା ଏକାନ୍ତ ଆବଶ୍ୟକ, ଯାହା ସମସ୍ତ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ, ଶିକ୍ଷାଗତ, ବୃତ୍ତିଗତ, ବିକାଶରେ ସହାୟକ ହେବ ।

ଅନ୍ତର୍ନିବେଶୀ ଶ୍ରେଣୀର ମୁଖ୍ୟ ବିଭାଗ ହେଉଛି ଶିକ୍ଷକଙ୍କ ମନୋବୃତ୍ତି । ଯେଉଁ ଶିକ୍ଷକଙ୍କ ଧାରଣା ଯେ ବୁଦ୍ଧିମତ୍ତା ବା ଧୀଶକ୍ତି ହେଉଛି ବଂଶାନୁଗତ ଓ ଏହାର ବିକାଶ ପାଇଁ ପ୍ରାୟ କୌଣସି ଉପାୟ ନାହିଁ । ଶିକ୍ଷକ ପ୍ରାୟ ସବୁ ପିଲାଙ୍କ ବୁଦ୍ଧିମତ୍ତା ପ୍ରଗତିରେ ସହାୟକ ପ୍ରାୟ ହୋଇପାରିବେ ନାହିଁ । ଅନ୍ୟ ପକ୍ଷରେ ଯେଉଁ ଶିକ୍ଷକ ପିଲାଙ୍କ ନିଜସ୍ୱ ସାମର୍ଥ୍ୟ ଉପରେ ଆଶାବାଦୀ ଏବଂ ଯାହାଙ୍କ ଗଭୀର ବିଶ୍ୱାସ ଯେ ନାନା ରୂପରେ ଆମେ ପ୍ରକାଶ କରିଥିବା ବୁଦ୍ଧିମତ୍ତା ଶ୍ରେଣୀରେ ଏକ ସମାବେଶିତ ବାତାବରଣ ସୃଷ୍ଟି କରିପାରିବ ସେହିଁ ବ୍ୟକ୍ତିଗତ ସାମର୍ଥ୍ୟ ବୃଦ୍ଧିରେ ସହାୟକ ହୋଇପାରିବେ । ଶିକ୍ଷକ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ବିଦ୍ୟାର୍ଥୀର ଅନ୍ତର୍ନିହିତ ସ୍ୱାତନ୍ତ୍ର୍ୟ ଏକ ଅନିର୍ବାର୍ଯ୍ୟଗୁଣ ଏବଂ ପ୍ରତ୍ୟେକଙ୍କ ଚାହିଦା ଅନ୍ୟଜଣକ ଠାରୁ ନିଆରା । ଏହି ବହୁବିଧତାକୁ



ଟିପ୍ପଣୀ

ଆଧାରକରି ଶିକ୍ଷକ ଶ୍ରେଣୀରେ ମନୋବୈଜ୍ଞାନିକ ତଥା ବାତାବରଣ ତିଆରି କରିବେ । ଏହିପରି ଅନୁକୂଳ ପରିବେଶରେ ପିଲାମାନଙ୍କ ପ୍ରଗତିପାଇଁ ସୁଯୋଗ ମିଳିଥାଏ ।

ସର୍ବଶିକ୍ଷା ଅଭିଯାନ ଯୋଜନା ଆନୁକୂଲ୍ୟରେ cwsn ପିଲାକୁ ବାର୍ଷିକ ୧୨୦୦ ଟଙ୍କା ଅନୁଦାନ ଦିଆଯାଏ । ଏହି ଅର୍ଥର ବିନିଯୋଗ ପାଇଁ ଯୋଜନା କଲାବେଳେ ଏହା ସ୍ମରଣ ରଖିବାକୁ ହେବ ଯେ ଉପଲବ୍ଧ ଅର୍ଥ କେବଳ କୌଣସି ଜଣେ ନିର୍ଦ୍ଦିଷ୍ଟ ପିଲାପାଇଁ ଉଦ୍ଦିଷ୍ଟ ନୁହେଁ । ବରଂ ବିଦ୍ୟାଳୟ / ଜନବସତି / ଗ୍ରାମସ୍ତରୀୟ ଅନ୍ତର୍ନିବେଶୀ ଶିକ୍ଷା ଯୋଜନା ବାବଦରେ ବ୍ୟୟ କରାଯିବ । ଶିକ୍ଷା ଜିଲ୍ଲା ଅଧୀନରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ପିଲାମାନଙ୍କ ମୋଟ ସଂଖ୍ୟା ଅନୁସାରେ ସର୍ବଶିକ୍ଷା ଅଭିଯାନ ରାଜ୍ୟ ମିଶନ ସୋସାଇଟି ମାନଙ୍କୁ ଅନ୍ତର୍ନିବେଶୀ ଶିକ୍ଷା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କ ଅଂଶ ପରିମାରଣ ପାଣ୍ଠି ପ୍ରଦାନ କରିଥାନ୍ତି । କେତେକ ଭିନ୍ନକ୍ଷମ ପିଲା କେବଳ ସ୍ୱତନ୍ତ୍ର ଶିକ୍ଷକଙ୍କ ସହାୟତା ଚାହୁଁଥିଲାବେଳେ ଅନ୍ୟ କେତେକ ଶ୍ରବଣ ଯନ୍ତ୍ର ଇତ୍ୟାଦି କିଛି ସରଳ, ସହାୟକ ଉପକରଣ ବା ଯନ୍ତ୍ର ଆବଶ୍ୟକ କରିପାରନ୍ତି । ତେବେ, ଏହାର ଅର୍ଥ ନୁହେଁ ଯେ ପ୍ରାପ୍ତ ସମସ୍ତ ଅର୍ଥକୁ ବର୍ଷକ ଭିତରେ ଖର୍ଚ୍ଚ କରିବାକୁ ପଡ଼ିବ । ଏହି ଅର୍ଥ ବର୍ଷେ ବା ଦୁଇବର୍ଷ ପାଇ ଗଚ୍ଛିତ ହୋଇପାରେ ଏବଂ ବେଶ୍ କିଛି ବଡ଼ଧରଣର ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯାଇପାରେ ।

ଅନ୍ୟାନ୍ୟ ଯେଉଁ କାର୍ଯ୍ୟକ୍ରମ ପାଇଁ ଏହି ଅର୍ଥ ବିନିଯୋଗ କରାଯାଇପାରେ ସେ ଗୁଡ଼ିକ ହେଲା, ଶିବିର କାର୍ଯ୍ୟ ମୂଲ୍ୟାୟନ, ତାଲିମ ଉପକରଣ ବିକାଶ, ଗୋଷ୍ଠୀ ସଚେତନତା ଅଭିଯାନ, ଭାରତୀୟ ପୁନର୍ବାସ ବା ଥଇଥାନ ପରିଷଦଙ୍କ (RCI – Rehabilitation Council of India) ଅନୁମୋଦିତ ୪୫ ଦିନିଆ ଶିକ୍ଷକଙ୍କ ତାଲିମ, ସେବରକାରୀ ସଂସ୍ଥାମାନଙ୍କ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିହିତ ସେବା ଉପଯୋଗ, କର୍ମଶାଳା ଓ ସଭା ସମ୍ମିଳନୀ । CWSN ପିଲାମାନଙ୍କୁ ଅନୁଦାନ ଓ ଉପକରଣ ଯୋଗାଇଦେବା ମିଳିତ ସହଯୋଗ ଉଦ୍ୟମ ହେବା ଉଚିତ । ଯଦି ଏପରି ସୁଯୋଗ ମିଳିପାରୁ ନାହିଁ ତେବେ ସେ କ୍ଷେତ୍ରରେ ସର୍ବଶିକ୍ଷା ଅଭିଯାନର ଆବଣ୍ଟିତ ଅର୍ଥ ଏଥିପାଇଁ ଖର୍ଚ୍ଚ କରାଯାଇପାରେ । ଅତି ଅସୁବିଧା ଜନକ ଜରୁରୀ ଆବଶ୍ୟକ ପରିସ୍ଥିତିରେ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ପଢ଼ିବା ପାଇଁ ସୁପାରିଶ କରାଯିବା ଉଚିତ । ଯେତେଦୂର ସମ୍ଭବ ଏହି CWSN ପିଲାଙ୍କୁ ସେମାନଙ୍କ ପରିବାରରେ ରହିବା ପାଇଁ ଅନୁମତି ଦିଆଯିବା ଉଚିତ । ମିଳୁଥିବା ସାଧନ

ଟିପ୍ପଣୀ

ସମ୍ବଳକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲ୍ଲାରେ ଏହି ପିଲାଙ୍କ ପାଇଁ ଶିକ୍ଷଣ ଯୋଜନା କରିବାକୁ ହେବ । ଏପରି ଭିନ୍ନକ୍ଷମ ପିଲାଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟରେ ଏକ ଘରିକିଆ କରି ନରଖି ସାଧାରଣ ବିଦ୍ୟାଳୟର ଅନ୍ତର୍ନିବେଶୀ ଶିକ୍ଷାରେ ସାମିଲ କରିବା ପାଇଁ ଅଧିକ ପ୍ରାଧାନ୍ୟ ଦେବା ଉଚିତ ।

## ୯.୫ ବିଦ୍ୟାଳୟରେ ଶିଶୁ ଅଧିକାର ସୁରକ୍ଷା

ଶିଶୁ ଅଧିକାର ସୁରକ୍ଷା ଆଇନ୍ – ୨୦୦୫ (୨୦୦୫ ମସିହା ଡିସେମ୍ବର ମାସରେ ପାର୍ଲିଆମେଣ୍ଟରେ ଗୃହୀତ କମିଶନଙ୍କ ଆଇନ ବଳରେ) ୨୦୦୭ ମସିହା ମାର୍ଚ୍ଚ ମାସରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଗଠନ କରାଗଲା । ଶିଶୁ ଅଧିକାର ସୁରକ୍ଷା ପାଇଁ ଆୟୋଜିତ ମିଳିତ ଜାତିସଂଘଙ୍କ ପ୍ରାୟୋଜିତ ସମ୍ମିଳନୀ ଏବଂ ଭାରତୀୟ ସଂବିଧାନରେ ଲିପିବଦ୍ଧ ଶିଶୁ ଅଧିକାର ସୁରକ୍ଷା ବ୍ୟବସ୍ଥା ଅନୁସାରେ ସମ୍ପୃକ୍ତ ଆଇନ୍ ସରକାରୀ ନୀତି ନିୟମ, ବିଭିନ୍ନ ଯୋଜନା, ପ୍ରଶାସନିକ ସଂସ୍ଥା କାର୍ଯ୍ୟ କରି ହେଉଛି କି ନାହିଁ ଏହା ନିରୀକ୍ଷଣ ଓ ସୁନିଶ୍ଚିତ କରିବା ଏହି କମିଶନଙ୍କ ଦାୟିତ୍ୱ ଓ ଅଧିକାର । ଆନ୍ତର୍ଜାତୀୟ ବିଧିବ୍ୟବସ୍ଥା ଅନୁଯାୟୀ ଶିଶୁ କହିଲେ ୧୮ ବର୍ଷରୁ କମ୍ ବୟସର ପ୍ରତ୍ୟେକ ମଣିଷକୁ ବୁଝାଯାଏ । ଶିଶୁର ଏହି ସର୍ବଜନ ଗୃହୀତ ସଂଜ୍ଞାର ଜନକ ହେଉଛନ୍ତି ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ (UNCRC) । ଭାରତ ସଦାସର୍ବଦା ୧୮ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ପରିଚୟକୁ ଆଇନ ଗତ ସ୍ୱୀକୃତି ଦେଇ ଆସିଛି । ଯଥାର୍ଥରେ ସେହି କାରଣରୁ ବୟସ ୧୮ ବର୍ଷ ହେଲା ପରେ ଲୋକେ ଭୋଟ୍ ଦେଇପାରିବେ, ଡ୍ରାଇଭିଂ ଲାଇସେନ୍ସ୍ ପାଇ ପାରିବେ ଅଥମା ମକଦ୍ଦମା ଲଢ଼ିପାରିବେ ।

ଯେତେବେଳେ ପ୍ରତ୍ୟେକ ପିଲା ଆପଣାର ସାମାଜିକ, ଅର୍ଥନୈତିକ ଏପରିକି ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ସୁରକ୍ଷା ଆବଶ୍ୟକ କରିଥାନ୍ତି, ସେହି ସମୟରେ କିଛି ପିଲା ଅସୁରକ୍ଷିତ, ନିରାଶ୍ରୟ ତଥା ବିପନ୍ନ ଏବଂସେମାନଙ୍କୁ ବିଶେଷ ଧ୍ୟାନର ଆବଶ୍ୟକତା ରହିଛି । ସେହି ଶ୍ରେଣୀର ପିଲା ହେଉଛନ୍ତି ବାସହୀନ (ପାଦଚଲା ରାସ୍ତାରେ ରହୁଥିବା, ବିସ୍ଥାପିତ, ବିତାଡ଼ିତ ଇତ୍ୟାଦି) ଦେଶାନ୍ତରୀ, ଗଳିରେ ରହୁଥିବା, ବିମାନବନ୍ଦର କଡ଼ରେ ରହୁଥିବା, ଅନାଥ ପରିତ୍ୟକ୍ତ ପିଲା, ଶ୍ରମଜୀବୀ ଶିଶୁ ଭିକାରୀ, ଦେହଜୀବୀମାନଙ୍କ ପିଲା, ଅବୈଧ କାରବାରରେ ନିୟୋଜିତ ପିଲା, କଏଦି ଅବସ୍ଥାରେ ଥିବା ପିଲା, ପାରିବାରିକ କଳହ ପୀଡିତ, ଦୈବଦୁର୍ବିପାକ ପ୍ରପୀଡିତ,

ଟିପ୍ପଣୀ

ଏଚ୍.ଆଇ.ଭି. / ଏଡ୍ସ୍ ସଂକ୍ରମିତ ପିଲା, ମାରାତ୍ମକ ରୋଗରେ ଆକ୍ରାନ୍ତ ପିଲା, ଭିନ୍ନକ୍ଷମ ପିଲା ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ପିଲା ।

୧୮ ବର୍ଷରୁ କମ୍ ବୟସର ସମସ୍ତ ବ୍ୟକ୍ତି ଜୀବନ ଧାରଣ ମାନ ଓ ଅଧିକାର ପାଇବାକୁ ଯୋଗ୍ୟ । ଏହି ମୂଲ୍ୟ ବୋଧ ଓ ଅଧିକାର ଆଇନ୍ ସ୍ୱୀକୃତ । ଆମ ଦେଶ ଓ ଆମେ ଗ୍ରହଣ କରିଥିବା ସମସ୍ତ ଆନ୍ତର୍ଜାତିକ ଆଇନ୍ ପ୍ରାଧିକରଣ ଏହି ନୀତିର ଅନୁଗତ । ଭାରତୀୟ ସମ୍ବିଧାନ ସବୁ ପିଲାଙ୍କୁ ନିର୍ଦ୍ଦିଷ୍ଟ ଅଧିକାର ଉପଭୋଗ ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି । ସେହି ଅଧିକାର ଗୁଡ଼ିକ ସମ୍ବିଧାନରେ ସ୍ୱତନ୍ତ୍ରଭାବେ ଲିପିବଦ୍ଧ । ସେଗୁଡ଼ିକ ହେଲା :

୧. ୬ ରୁ ୧୪ ବର୍ଷର ସବୁପିଲାମାନଙ୍କ ନିଃଶୁଳ୍କ (ମାଗଣା) ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ଅଧିକାର (ଅନୁଚ୍ଛେଦ ୨୧-A)

୨. ୧୪ ବର୍ଷ ବୟସ ପର୍ଯ୍ୟନ୍ତ ବିପଜ୍ଜନକ କର୍ମ ନିଯୁକ୍ତିରୁ କ୍ଷାନ୍ତ ରହିବା ଅଧିକାର (ଅନୁଚ୍ଛେଦ ୨୪)

୩. ଦୁର୍ବ୍ୟବହାର ତଥା ଆର୍ଥିକ ଆବଶ୍ୟକତା କାରଣରୁ ଏପରି ବ୍ୟବସାୟକୁ ଆପଣେଇବା ଯାହା ତାଙ୍କ ବୟସ ବା ବଳ ପାଇଁ ଅନୁପଯୁକ୍ତ । ଏସବୁ ଠାରୁ ସୁରକ୍ଷା ଅଧିକାର ( ଅନୁଚ୍ଛେଦ ୩୯, ଙ)

୪. ସମାନ ସୁଯୋଗ ଓ ସୁବିଧା ଅଧିକାର ଯାହା ସୁସ୍ଥ ଭାବରେ ସ୍ୱଚ୍ଛନ୍ଦ ଓ ସସମ୍ମାନ, ନିଶ୍ଚିତ ଓ ସୁରକ୍ଷିତ ଶୈଶବ, ଶୋଷଣହୀନ କୈଶୋର, ନୈତିକ, ବସ୍ତୁବାଦତାକୁ ପରିତ୍ୟାଗ କରିବା (Material Abondonment) କୁ ସହାୟକ ହେବ । (ଅନୁଚ୍ଛେଦ ୩୯, ଚ)

ଏହା ବ୍ୟତିତ ଏମାନଙ୍କର ଭାରତର ଯେ କୌଣସି ବୟସ୍କ ନାରୀ ବା ପୁରୁଷ ସହିତ ସମାନ ନାଗରିକ ଅଧିକାର ରହିଛି । ସେହି ଅଧିକାର ଗୁଡ଼ିକ ହେଲା :

୧. ସମାନତାର ଅଧିକାର (ଅନୁଚ୍ଛେଦ ୧୪)

୨. ଅନୁଚିତ ଭେଦଭାବ ବା ଅନୁଚିତ ପକ୍ଷପାତର ବିରୋଧରେ ଅଧିକାର (ଅନୁଚ୍ଛେଦ, ୧୫)

ଟିପ୍ପଣୀ

୩. ବ୍ୟକ୍ତିଗତ ସ୍ୱାଧୀନତା ତଥା ଉଚିତ୍ କାନୁନ ପ୍ରକ୍ରୀୟା ଅଧିକାର (ଅନୁଚ୍ଛେଦ, ୨୧)

୪. ସମାଜରେ ଥିବା ଦୂର୍ବଳ ଶ୍ରେଣୀକୁ ସାମାଜିକ ଅନ୍ୟାୟ ତଥା ସବୁ ପ୍ରକାରର ଶୋଷଣରୁ ସୁରକ୍ଷା ଅଧିକାର (ଅନୁଚ୍ଛେଦ, ୪୬)

ଗବେଷଣା, ଲିଖିତ ପ୍ରମାଣ, ସରକାରୀ ତଥା ଜନସାଧାରଣଙ୍କ ସାମୂହିକ ପ୍ରଚେଷ୍ଟା ଅତୀତରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସାମନାକୁ ଆସିଛି । ଏଗୁଡ଼ିକ ମଧ୍ୟରୁ କିଛି ବିଦ୍ୟାଳୟ ଶିକ୍ଷା ସହିତ ଜଡ଼ିତ । ଯଥା :

- ଲିଙ୍ଗ ଭିତ୍ତିକ ପକ୍ଷପାତିତା
- ଜାତି ଅଧାରିତ ଭେଦଭାବ
- ଶାରୀରିକ ତଥା ମାନସିକ ଭାବରେ ଭିନ୍ନକ୍ଷମ
- ବିଦ୍ୟାଳୟରେ ପ୍ରଚଳିତ ଶାରୀରିକ ଦଣ୍ଡ
- ପରୀକ୍ଷାର ଚାପ
- ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଶିକ୍ଷକଙ୍କ ଦାୟିତ୍ୱ ହେଉଛି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ଯେପରିକି ସେମାନେ ବିଦ୍ୟାଳୟ ପରିସୀମା ଭିତରେ କୌଣସି ଅନ୍ୟାୟର ଶିକାର ନ ହୁଅନ୍ତି ।

## ୯.୬ ସାରାଂଶ

ଭାରତୀୟ ସମାଜ ସମ୍ଭବତଃ, ବିଶ୍ୱର ବହୁବିବିଧତା କୁ ନେଇ ଗଢ଼ି ଉଠିଥିବା ସମାଜ ମଧ୍ୟରୁ ଅନ୍ୟତମ । କାରଣ ଆମ ସମାଜ ଏପରି ଅସଂଖ୍ୟ ବ୍ୟକ୍ତି, ସୁବିଧା ସୂଯୋଗ, ସମ୍ପ୍ରଦାୟ ତଥା ଜାତି ମାନଙ୍କୁ ନେଇ ଗଢ଼ି ଉଠିଛି ଯେଉଁମାନଙ୍କ ପାଖରେ ଶିକ୍ଷା ଓ ସାଧନ (Resource)ର ଉପଲବ୍ଧତା ବହୁତ ଭିନ୍ନ । କେତେକ ରାଜ୍ୟରେ ଏମିତି ସାମାଜିକ ଗୋଷ୍ଠୀ ଅଛନ୍ତି ଯେଉଁମାନେ କି ଜୀବନଧାରଣ ମୌଳିକ ଆବଶ୍ୟକତାରୁ ଶୋଚନୀୟ ଭାବେ ବଞ୍ଚିତ । ସେମାନଙ୍କ ସୁଖମୟ ଜୀବନ କଥା ନକହିଲେ ଭଲ । ଏମିତି ଅନେକ ଶ୍ରେଣୀର ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ଜାତି ବା ଗୋଷ୍ଠୀ ଭିତ୍ତିକ କାରଣରୁ ସୁବିଧା ସୁଯୋଗରୁ ବଞ୍ଚିତ । ସେମାନେ ହେଲେ

ଟିପ୍ପଣୀ

## ଅବହେଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କର ଶିକ୍ଷା

ଅନୁସୂଚିତ ଜାତି ଓ ଉପଜାତୀ, ମହିଳା, ଦୂରବର୍ତ୍ତୀ ସ୍ଥାନ ବା ପାହାଡୀମୂଳକର ଅଧିବାସୀ, ବିଶେଷ ସହାୟତା ଆବଶ୍ୟକ କରୁଥିବା (ଦିବ୍ୟାଙ୍ଗ, ବଧିର, ଦୃଷ୍ଟିହୀନ ମାନସିକ ଭାବେ ଭିନ୍ନକ୍ଷମ) । ଏହି ପିଲାମାନେ ସାମାଜିକ ସୁରକ୍ଷାରୁ ବଞ୍ଚିତ । ଅନ୍ୟପିଲାମାନଙ୍କ ତୁଳନାରେ ଏମାନେ ଅର୍ଥନୈତିକ, ସାମାଜିକ ତଥା ଶୈକ୍ଷିକ ସୁବିଧା ସୁଯୋଗ ପାଆନ୍ତି ନାହିଁ । କାରଣ ଏମାନଙ୍କ ପ୍ରତିକୂଳ ପରିସ୍ଥିତି ଏମାନଙ୍କୁ ଏଥିରୁ ବଞ୍ଚିତ କରୁଛି । ଏମାନେ ବିଶେଷ ସହାୟତା ଆବଶ୍ୟକ କରୁଥିବା ଶ୍ରେଣୀର । ଏହି ଅଧ୍ୟାୟରେ ଭାରତୀୟ ସମାଜର ଏହି ସବୁ ପ୍ରକାରର ପିଲାମାନଙ୍କର ଶିକ୍ଷା ସମସ୍ୟା ସମାଧାନର ମାର୍ଗ ବତାଇ ଦିଆଯାଇଛି । ସେମାନଙ୍କୁ ଅନ୍ୟମାନଙ୍କ ଅନୁରୂପ କରି ଛାଡ଼ିବାରେ ଆମର ସତତ ଉଦ୍ୟମ ଜାରି ରହିଛି ।

ଏହି ଅଧାୟରେ ଆମେ ଏହି ନିଆରା ଗୋଷ୍ଠୀର ପିଲାମାନଙ୍କ ବିଦ୍ୟାଳୟ ପ୍ରବେଶ, ଶିକ୍ଷଣ ସୁଯୋଗ ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଛୁ । ଅନୁସୂଚିତ ଜାତି/ ଉପଜାତି, ବିଶେଷ ଆବଶ୍ୟକତା ଚାହୁଁଥିବା ପିଲା, ଭୌଗୋଳିକ ଦୃଷ୍ଟିରୁ ସୁଦୂର ସ୍ଥାନରେ ରହିଥିବା ପିଲାମାନଙ୍କର ଶିକ୍ଷା ଉପରେ ଚର୍ଚ୍ଚା କରାଯାଇଛି । ଏମାନଙ୍କ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ, ପିତାମାତା, ବିଦ୍ୟାଳୟ, ସରକାର, ବିଭିନ୍ନ ସଂସ୍ଥା ଓ ଅନୁଷ୍ଠାନମାନଙ୍କ ଭୂମିକାର ଅବତାରଣା କରାଯାଇଛି ।

ପରିଶେଷରେ ଅନ୍ତର୍ନିବେଶୀ ଶିକ୍ଷାର ସଜ୍ଞା ଓ ପ୍ରାସଂଗିକତା ଉପରେ ସବିଶେଷ ଧାରଣା ପ୍ରଦାନ କରାଯାଇଛି । ଅଧିକନ୍ତୁ ଶିଶୁ ଅଧିକାରର ସୁରକ୍ଷା ଉପରେ ବିଶେଷ ଆଲୋକପାତ କରାଯାଇଛି । ଯେଉଁ ପିଲାମାନଙ୍କର କୌଣସି ଦୋଷ ନଥାଇ ମଧ ସହରର ଗଳିକନ୍ଦିରେ ବାରବୁଲା ପାଲଟିଛି ସହରାଞ୍ଚଳ ବସ୍ତିର ପୂତିଗନ୍ଧମୟ ପରିବେଶରେ ଛଟପଟ ହେଉଛି; ପେଟ ଚାଖଣ୍ଡକ ପାଇଁ କଳ କାରଖାନାର ଧୂଳି ଧୂଆଁ ଭିତରେ ନୀରବ ପୁତ୍ତଳିକାଟିଏ ପରି ହାଡଭଙ୍ଗା ଶ୍ରମ କରୁଛି; ପେଟଚାଖଣ୍ଡକ ପାଇଁ ଚା' ଦୋକାନରେ ହାତ ବାରିସୀ ସାଜିଛି ଅଥବା ଅସମ୍ଭାଳ କ୍ଷୁଧା ସହି ନପାରି ବାଟଘାଟରେ ଭାତ ମୁଠେ ପାଇଁ ହାତ ପାତୁଛି; ଭିକଗଣ୍ଡେ ପାଇଁ ସାତ ନେହୁରା ହେଉଛି ଏହିମାନଙ୍କ ଭଳି ଆହୁରି ଅନେକ ଅଭାବୀ ନିଅଣ୍ଟିଆ ପିଲାଙ୍କ ସମସ୍ୟା ପ୍ରଦର୍ଶନ ପୂର୍ବକ ସମାଧାନର ଶିକ୍ଷା-ସକାଳର ସୂରୁଜ ଉଆଁଇବାକୁ ପ୍ରୟାସ କରାଯାଇଛି ।

ଭାରତୀୟ ସମ୍ବିଧାନ ଶିଶୁ ଅଧିକାର ପାଇଁ ଅନେକ ପ୍ରତିଶ୍ରୁତି ବାଢ଼ିଛନ୍ତି । କଳେ ବଳେ କୌଶଳେ ଆମକୁ ଏହି ପ୍ରତିଶ୍ରୁତିର ଫଳଶ୍ରୁତି ଦେବାକୁ ହେବ ।

## ୯.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


www.oeed.org /

www.wpi.edu/news/conf/ISTAS/presentations/iteducation.pdf

Center for Research on Effective Schooling for Disadvantaged...

www. esos.jhu.edu/ otherlinks/ eds/ eds.html

nvpie.org/ inclusive.html

www.ibe.unesco.org/ ... / Interview_clementina_Eng 13 Nov.pdf


## ୯.୮ ପାଠାନ୍ତ ପ୍ରଶ୍ନାବଳୀ

(୧) ଅବହେଳିତ ବର୍ଗର ପିଲାମାନଙ୍କ ବିଦ୍ୟାଳୟରେ ପ୍ରବେଶ ସୁବିଧା ଓ ଅବଧାରଣ ସମ୍ବନ୍ଧୀୟ ବିଷୟରେ ବର୍ଣ୍ଣନା କର ।

(୨) ଅନ୍ତର୍ନିବେଶୀ ଶିକ୍ଷାର ସଜ୍ଞା ଉଲ୍ଲେଖ କରି ଏହି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ଏକ ବିଦ୍ୟାଳୟ ଓ ଶ୍ରେଣୀ ଉପରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କର ।

(୩) ଅନ୍ତର୍ନିବେଶୀ ଶିକ୍ଷାର ଉପକାରିତା ଉପରେ ବର୍ଣ୍ଣନା କର ।